## ସଂକ୍ଷେପରେ

### ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ଦେବଗଡ଼,୨୧।୨(ଡି.ଏନ.ଏ):** ବାରକୋଟ ଥାନା ଦଣ୍ଡାସିଂହା ଗ୍ରାମରେ ସୋମବାର ଜଣେ ଚାଷୀଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଚାଷୀ ଧନୁ ନାୟକ(୫୮) ଟମାଟୋ ଫସଲରେ କୀଟନାଶକ ସିଞ୍ଚନ ପାଇଁ ସ୍ପ୍ରେୟର ଓ କୀଟନାଶକ ଧରି ଟମାଟୋ ବଗିଚାକୁ ଯାଇଥିଲେ । ମାତ୍ର ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବା ପାଇଁ ଟମାଟୋ ବଗିଚାକୁ ଯାଇଥିଲେ। ଧନୁ ସେଠାରେ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସନ୍ଧ୍ୟାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଲହୁଣୀପଡ଼ା ବ୍ଲକରେ ମଙ୍ଗଳବାର ହେବ ଭୋଟଗ୍ରହଣ

**ଲହୁଣୀପଡ଼ା,୨୧।୨(ଡିଏନଏ):** ଲହୁଣୀପଡ଼ାରେ ମଙ୍ଗଳବାର ଭୋଟ ଗ୍ରହଣ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ବଣେଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ ଓ ଉପଖଣ୍ଡ ସ୍ତରୀୟ ପୋଲିସ ଅଧିକାରୀ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଛନ୍ତି। ପଞ୍ଚାୟତ ନିର୍ବାଚନ ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ସକାଳ ସାତ ଟାରୁ ଆରମ୍ଭ ହୋଇ ମଧାହ୍ନ ୧ଟା ପର୍ଯ୍ୟନ୍ତ ଚାଲୁ ରହିବ। ଏହାପୂର୍ବରୁ ଭୋଟରମାନେ ସୁବିଧା ସ୍ଥିତିରେ ମତଦାନ କରି ପାରିବା ଉଦ୍ଦେଶ୍ୟରେ ଏକ ସତନ୍ତ୍ର ଟିମ ନିର୍ଦ୍ଧାରିତ ବୁଥଗୁଡ଼ିକୁ ପରିଦର୍ଶନ କରି ପରିସ୍ଥିତି ଅନୁଧାନ କରିଥିବା ଜଣାପଡ଼ିଛି। ୧୭ଟି ପଞ୍ଚାୟତ ଓ ୨୨୯ଟି ୱାର୍ଡ କୁ ନେଇ ଲହୁଣୀପଡ଼ା ବ୍ଲକ ଗଠିତ।ଲହୁଣୀପଡ଼ା ବ୍ଲକ(କ)ଜୋନରେ ଅଛି ୮ ପଞ୍ଚାୟତ ଓ ୧୧୬ଟି ବୁଥ କେନ୍ଦ୍ର ରହିଛି। 'ଖ'ଜୋନରେ ଅଛି ୯ ଟି ପଞ୍ଚାୟତ ୧୧୩ ଟି ବୁଥ ଓ ୩୦୦୪୨ ଜଣ ଭୋଟର ଅଛନ୍ତି। ନିର୍ବାଚନ ପାଇଁ ଉଭୟ ଜୋନରେ ୧୩ ଜଣ ଜିଲା ପରିଷଦ ପ୍ରାର୍ଥୀ,୫୭ ସମିତି ସଭ୍ୟ ପ୍ରାର୍ଥୀ,୭୨ ସରପଞ୍ଚ ପ୍ରାର୍ଥୀ,୩୨୮ ୱାର୍ଡ ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।ଏଥିପାଇଁ ପ୍ରଶାସନ ପକ୍ଷରୁ ପୃଥକ ଭାବେ ୧୭ଟି ସେକ୍ଟର କରାଯାଇଛି। ପ୍ରତ୍ୟେକ ବୁଥରେ ୪ ଜଣ ଲେଖାଏଁ ଅଫିସର ନିଯୁକ୍ତି ଦିଆଯାଇଛି। ଶାନ୍ତି ଶୃଙ୍ଖଳାର ସହ ଭୋଟ ଗ୍ରହଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ବିଡ଼ିଓ ଧାନାଇ ଚରଣ ଟୁଡୁ ସୂଚନା ଦେଇଛନ୍ତି।

# ୬୭୪ ବୁଥ୍‌ରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧, ୯୪୮୩୫ ଭୋଟର

**ସବୁଠି କଡ଼ା ଟକ୍କର**

**ସୁନ୍ଦରଗଡ଼ ଜିଲାରେ ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ**

**ସୁନ୍ଦରଗଡ଼, ୨୧।୨ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ପାଇଁ ମଙ୍ଗଳବାର ୨୨ତାରିଖ ଭୋଟ ଗ୍ରହଣ ହେଉଛି । ଏହି ନିର୍ବାଚନରେ ଜିଲାର ହେମଗିର, ଲେଫ୍ରିପଡା ଏବଂ ଲହୁଣୀପଡା ବ୍ଲକର ୬ଟି ଜିଲା ପରିଷଦ ଜୋନ୍‌ରେ ମୋଟ ୨୯ଜଣ ଜିଲା ପରିଷଦ, ୫୩ ଗ୍ରାମପଞ୍ଚାୟତର ୨୩୩ଜଣ ସରପଞ୍ଚ, ୨୧୭ଜଣ ସମିତି ସଭ୍ୟ ଏବଂ ୫୨୯ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କର ଭାଗ୍ୟ ନିର୍ଦ୍ଧାରଣ ହେବ। ଏହି ୩ଟି ବ୍ଲକର ମୋଟ ୧,୯୪୮୩୫ଜଣ ଭୋଟରଙ୍କ ମତଦାନ ପାଇଁ ମୋଟ ୬୭୪ଟି ମତଦାନ କେନ୍ଦ୍ର ହୋଇଛି। ସବୁଠି ଦିନ କଡ଼ା ଟକ୍କର ହେଉଛି।

ଶାନ୍ତିଶୃଙ୍ଖଳା ସହ ମତଦାନ ସକାଶେ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ ହୋଇଛି। ହେମଗିର ବ୍ଲକରେ ମୋଟ ୨୩୩ଟି ବୁଥ ମଧ୍ୟରୁ ୧୨୬ଟି ଉତ୍ତେଜନାପ୍ରବଣ ବୁଥ ରହିଛି। ଲେଫ୍ରିପଡା ବ୍ଲକରେ ୨୧୨ଟି ବୁଥ ମଧ୍ୟରୁ ୮୨ଟି ଉତ୍ତେଜନାପ୍ରବଣ ଓ ୧୩ଟି ଅତି ଉତ୍ତେଜନା ପ୍ରବଣ ବୁଥ ଚିହ୍ନଟ ହୋଇଛି। ସେହିପରି ଲହୁଣୀପଡା ବ୍ଲକର ୨୨୯ଟି ବୁଥ ମଧ୍ୟରୁ ୭୫ଟି ଉତ୍ତେଜନା ପ୍ରବଣ ବୁଥ ରହିଛି। ଏହି ସବୁ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯାଇଛି । ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଏସପି ସାଗରିକା ନାଥ ସୋମବାର ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ର ବୁଲି ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସୁନ୍ଦରଗଡ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ହେମଗିର (କ) ଜିଲା ପରିଷଦ ଜୋନ୍‌ରେ ଉଦିତ ସେଠ୍ ବିଜେଡି, ନରେଶ ମେହେର ସିପିଆଇ ,ଲକ୍ଷ୍ମଣ ସେଠ୍ –ଭାଜପା ,ଭୂଲକି ସେଠ୍ –କଂଗ୍ରେସ ଏବଂ ଗୁରୁ ଚରଣସିଂ ଓ ଘନଶ୍ୟାମ କାଲୋ–ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ହେମଗିର ଖ ଆସନରେ ସବିତା ଦଣ୍ଡସେନା–ଭାଜପା, ମହିମା ସେଠ୍ –ବିଜେଡି ,ଚୁମକି କୁଆ–କଂଗ୍ରେସ ପ୍ରାର୍ଥୀନୀ ଭାବେ ନିର୍ବାଚନ ମଇଦାନରେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଲେଫ୍ରିପଡା ଖ ଆସନରେ ଅଂଜଳି ଘୋଷ –ବିଜେଡି, ସଂଯୁକ୍ତା ବୁଖରା –ଭାଜପା ଏବଂ ସରସ୍ୱତୀ ସେଠ୍ –କଂଗ୍ରେସ ଦଳର ପ୍ରାର୍ଥୀନୀ ଭାବେ ପ୍ରତିଦ୍ୱନ୍ଦିତା କରୁଛନ୍ତି। ତଳସରା ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଲେଫ୍ରିପଡା କ ଆସନରେ ଅମିତ କୁମାର କିସପଟ୍ଟା– ସିପିଆଇଏମ୍, ରାଜେଶ ସୋରେଙ୍ଗ ଭାଜପା, ବୈଷ୍ଣବ ମାଝୀ–ବିଜେଡି, ହରେକୃଷ୍ଣ ଭିତ୍ରିଆ –କଂଗ୍ରେସ ଦଳର ପ୍ରାର୍ଥୀ ରହିଛନ୍ତି। ସେହିପରି ବଣାଇ ବିଧାନସଭା କ୍ଷେତ୍ର ଅନ୍ତର୍ଗତ ଲହୁଣୀପଡା ବ୍ଲକ (କ) ଜିଲା ପରିଷଦ ଜୋନ୍‌ରେ ଆଲିସ୍ ଲାକ୍ରା –ଜେଏମଏମ, ବଲେମା ମୁଣ୍ଡା–ସିପିଆଇଏମ୍, କୁନି ମୁଣ୍ଡା–ସ୍ୱାଧୀନ, ଜୟନ୍ତୀ ମୁଣ୍ଡା –କଂଗ୍ରେସ, ଜୁଲିଆନୀ କନ୍ଦିରା –ବିଜେଡି, ଯମୁନା ମୁଣ୍ଡା –ଭାଜପାର ପ୍ରାର୍ଥୀ ରହିଛନ୍ତି। ଲହୁଣୀପଡା (ଖ) ଜିଲା ପରିଷଦ ଆସନରେ ଜ୍ୟୋତ୍ସ୍ନା ମୁଣ୍ଡା –ଆମ ଆଦମୀ ପାର୍ଟି, ପୂର୍ଣ୍ଣିମା ବୋଦ୍ରା –ସିପିଆଇ, ବହଲେନ୍ ଲୁଗୁନ୍ –ଜେଏମଏମ, ଭାର୍ଗବୀ କାଲୋ –କଂଗ୍ରେସ, ସରସ୍ୱତୀ ନାୟକ–ସ୍ୱାଧୀନ, ସୁଶୀଲା ନାୟକ –ବିଜେଡି ଓ ଲିଲିମା ନାଗ –ଭାଜପା ର ପ୍ରାର୍ଥୀ ରହିଛନ୍ତି।

## ମୋବାଇଲ ଲୁଟେରା ଗିରଫ

**ଝାରସୁଗୁଡ଼ା ଅଫିସ,୨୧।୨**

ଟ୍ରେନ୍‌ରୁ ମୋବାଇଲ୍ ଲୁଟିଥିବା ଜଣେ ଯୁବକ ଜିଆର୍‌ପି ଓ ଆର୍‌ପିଏଫ୍ ପୋଲିସ୍ ହାତରେ ଧରାପଡିଛନ୍ତି। ସେ ହେଲେ ରାୟଗଡ ଜିଲା ଲାଇଲୁଙ୍ଗା ଥାନା ଭାଲୁକେନାର ଆନନ୍ଦ ତିର୍କୀ(୨୨)। ତାଙ୍କଠାରୁ ପୋଲିସ୍ ଲୁଟ୍ ମୋବାଇଲ୍ ଜବତ କରି ସୋମବାର ତାଙ୍କୁ କୋର୍ଟ ଚାଲଣ କରିଛି । ଏ ନେଇ ପୋଲିସ୍ ଝାରସୁଗୁଡା ଜିଆର୍‌ପି ଥାନା କେସ୍ ନଂ୧୩/୨୨ରେ ଏକ ମାମଲା ରୁଜୁ କରିଛି । ଗତ ରବିବାର ବିଳାଶପୁର–ଟିଟିଲାଗଡ ଟ୍ରେନ୍ ବେଲପାହାଡ ଷ୍ଟେଶନରେ ଅଟକିଥିବାବେଳେ ଆନନ୍ଦ ଜଣେ ଯାତ୍ରୀଙ୍କ ନିକଟରୁ ମୋବାଇଲ୍ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଯାତ୍ରୀ ଜଣଙ୍କ ପାଟିକରିବାରୁ ଆର୍‌ପିଏଫ୍ ଓ ଜିଆର୍‌ପି ପୋଲିସ୍ ଅଭିଯୁକ୍ତଙ୍କ ପିଛାକରି ଧରିଥିଲେ ।

# ବନାଗ୍ନି ରଥ ମାଧ୍ୟମରେ ସଚେତନତା



ବନ ସୁରକ୍ଷା ସମିତି କର୍ମକର୍ତ୍ତା ଲୋକଙ୍କୁ ସଚେତନ କରାଉଛନ୍ତି।

**ଜଙ୍ଗଲରେ ନିଆଁ ନ ଲଗାଇବାକୁ ଅନୁରୋଧ**

**ବଡ଼ଗାଁ, ୨୧।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଧ୍ୟୁଷିତ ବଡ଼ଗାଁ ବ୍ଲକରେ ପ୍ରାୟ ପ୍ରତିବର୍ଷ ଜଙ୍ଗଲ, ପାହାଡ, ରାସ୍ତାପାର୍ଶ୍ୱରେ ଲୋକେ ନିଆଁ ଲଗାଉଥିବାରୁ ଜଙ୍ଗଲକ୍ଷୟ ଓ ଉତ୍ତପ ବୃଦ୍ଧି ଘଟୁଛି। ନିଆଁ ନ ଲଗାଇବାକୁ ଲୋକଙ୍କୁ ବନାଗ୍ନି ରଥ ମାଧ୍ୟମରେ ସଚେତନ କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି । ଜଙ୍ଗଲ ପାର୍ଶ୍ୱର ସୁବିଧାବାଦୀ ଲୋକେ ମହୁଲ ଗୋଟାଇବା ପାଇଁ ଗଛମୂଳେ ନିଆଁ ଲଗାଇ ଲିଭାଉ ନ ଥିବାରୁ ନିଆଁ ବ୍ୟାପି ଯାଇଥାଏ। ଫଳରେ ବିଲ, ଜଙ୍ଗଲ, ରାସ୍ତାପାର୍ଶ୍ୱରେ ନିଆଁ ଲାଗି ଗୋରୁଙ୍କ ଚାରଣ ନଷ୍ଟ ହୋଇଯାଇଥାଏ। ବିଲରେ ଥିବା ନଡା, ବିଲହିଡ଼ର ଘାସ ଓ ଜଙ୍ଗଲର ଡାଳପତ୍ର ଉପରେ ଗୋରୁ, ଛେଳି ଆଦି ପ୍ରାଣୀ ନିର୍ଭର କରୁଥିବାରୁ ବନାଗ୍ନି ତୃଣଭୋଜିଙ୍କ ପାଇଁ ଖାଦ୍ୟାଭାବ ସୃଷ୍ଟି କରିଥାଏ। ଏହାକୁ ନିୟନ୍ତ୍ରଣ କରିବା ପାଇଁ ବଡ଼ଗାଁ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଇବା ପାଇଁ ବନାଗ୍ନି ରଥ ମାଧ୍ୟମରେ ଜଙ୍ଗଲରେ ନିଆଁ ନ ଲଗାଇବାକୁ କୁହାଯାଇଛି। ବନଖଣ୍ଡ ଅଧୀନ ସମସ୍ତ ବନ ସୁରକ୍ଷା ସମିତିଙ୍କୁ ଏନେଇ ସଚେତନ କରାଇବା ପାଇଁ ସଭା କରାଯାଇଥିବା ଜଣାପଡ଼ିଛି। ଡିଏଫ୍‌ଓ ପ୍ରଦୀପ ଦେବିଦାସ ମିରାସେ ଗାଇଥିବା ସଚେତନତା ଗୀତ ରଥରେ ବଜାଇ ଲୋକଙ୍କୁ ସଚେତନ କରାଯାଉଛି। ଏହି ରଥ ବିଭିନ୍ନ ଗ୍ରାମରେ ପରିକ୍ରମା କରୁଛି।

# ସୁନ୍ଦରଗଡ ବ୍ୟାଡମିଣ୍ଟନ ଲିଗ୍ ଉଦ୍‌ଯାପିତ

**ସୁନ୍ଦରଗଡ,୨୧।୨(ଡି.ଏନ୍.ଏ)**

ସୁନ୍ଦରଗଡ ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ଚତୁର୍ଥ ବ୍ୟାଡମିଣ୍ଟନ ଲିଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୫୦ଟି ଦଳ ଭାଗ ନେଇଥିଲେ। ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ବଲାଙ୍ଗୀରର ସିଦ୍ଧାର୍ଥ ଓ ସୁରେନ୍ଦ୍ର ଯୋଡି ବାଲେଶ୍ୱରର ଦିବ୍ୟ ଜ୍ୟୋତି ଓ ଶିବୁ ପାଣିଗ୍ରାହୀ ଯୋଡିଙ୍କୁ ହରାଇ ଚାମ୍ପିୟନ ବିବେଚିତ ହୋଇଛନ୍ତି। ସୋନପୁରର ରାମଶଙ୍କର ଓ ସରୋଜ ଭୋଇ ଯୋଡି ତୃତୀୟ ଏବଂ ସମ୍ବଲପୁରର ସୌରଭ ଓ କରନ ସିଂଙ୍କ ଯୋଡି ଚତୁର୍ଥ ବିବେଚିତ ହୋଇଛନ୍ତି। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ ବ୍ୟାଡମିଣ୍ଟନ କ୍ଲବର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଉଦଯାପନୀ ଦିବସରେ ଉପଜିଲାପାଳ ବେହେରା କୃତୀ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ସୁନ୍ଦରଗଡ ବ୍ୟାଡମିଣ୍ଟନ କ୍ଲବର ସଭାପତି ଶିଶିର ପଟେଲ, ସମ୍ପାଦକ ସତ୍ୟଜିତ ନାଏକ, ବାଲଗୋପାଳ ମିଶ୍ର, ଆନନ୍ଦ ହୋତା, ରାକେଶ ଗୁରୁ, ଅବନୀ ପ୍ରେମ କୁମାର, ପ୍ରଭା ପଟେଲ, ଆକାଶ ପଟେଲ, ଜୟନ୍ତ ନାଏକ, ଜୟନ୍ତ ଧଳ, ସୁମନ୍ତ ନାଏକ, ମୁମତାଜ ପ୍ରମୁଖ ପରିଚାଳନା କରିଥିଲେ ।



ସୁନ୍ଦରଗଡ ବ୍ୟାଡମିଣ୍ଟନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ବ୍ୟାଡମିଣ୍ଟନ ଲିଗ ପ୍ରତିଯୋଗିତାର ଖେଳାଳିମାନଙ୍କ ସହ ଅତିଥି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଜେୟୁର ଦାବିପତ୍ର

**ସମ୍ବଲପୁର,୨୧।୨(ବ୍ୟୁରୋ)**

ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳରେ ଖବରଦାତାଙ୍କୁ ଆକ୍ରମଣ ଓ ଅନ୍ୟଜଣେ ଖବରଦାତାଙ୍କୁ ଅପହରଣ ଘଟଣାକୁ ଓଜେୟୁ ସମ୍ବଲପୁର ଶାଖା ନିନ୍ଦା କରିଛି। ଏହି ମର୍ମରେ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଗତ କିଛିଦିନ ହେଲା ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ହେଉଛି। ପୋଲିସ ଓ ପ୍ରଶାସନ ଅବହେଳାରୁ ଏଭଳି ଘଟଣା ଘଟୁଛି। ତେଣୁ କାର୍ଯ୍ୟରତ ଖବରଦାତାଙ୍କୁ ସୁରକ୍ଷା ପ୍ରଦାନ, ଚଳିତ ନିର୍ବାଚନରେ ଆକ୍ରମଣ, ହିଂସା ଭିଆଇଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲ୍ଲା ଶାଖା ସଭାପତି ହିମାଂଶୁ ଶେଖର ମିଶ୍ର, ସାଧାରଣ ସମ୍ପାଦକ ସରୋଜ ସାହୁ, ସାଧବ ପ୍ରଧାନ, ରତ୍ନାକର ଭୋଇ, ଲଳିତ ଶର୍ମା, ଶ୍ରବଣ କୁମାର ପତି, ନ୍ୟୁଟନ ରାୟ, ଅଜୟ ନାଥ, ଜ୍ୟୋତିସ ମହାନ୍ତି, ସୁବ୍ରତ କୁମାର ପାଢ଼ୀ, ବିରାଜ ମିଶ୍ର, ନରେଶ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

# ଏସ୍‌ପିଙ୍କୁ ଭେଟିଲା ଓଏଏସ୍ ସଂଘ

**ତହସିଲଦାରଙ୍କୁ ହତ୍ୟା ଧମକ ଘଟଣା**

**ସମ୍ବଲପୁର,୨୧।୨(ବ୍ୟୁରୋ)**

ସମ୍ବଲପୁର ସଦର ତହସିଲଦାର ଲକ୍ଷ୍ମଣ ଅମାତଙ୍କୁ ବିଧାୟକ ଜୟନାରାୟଣ ମିଶ୍ର ଓ ତାଙ୍କ ସହଯୋଗୀ ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିଲେ। ତେଣୁ ବିଧାୟକ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଓଏଏସ୍ ସଂଘ ସୋମବାର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନିକଟରେ ଦାବି କରିଛି। ସୂଚନାଯୋଗ୍ୟ ମହାନଗର ନିଗମ ଦୁର୍ଗାପାଲିସ୍ଥିତ କୁସୁମପଡାଠାରେ ଦୁଇଟି ବେଆଇନ ଘର ଉଚ୍ଛେଦ ପାଇଁ ସଦର ତହସିଲଦାର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ। ଏହି ସମୟରେ ବିଧାୟକ ମିଶ୍ର ଓ ଅନ୍ୟ ସହଯୋଗୀ ସେଠାରେ ପହଞ୍ଚି ଉଚ୍ଛେଦକୁ ବିରୋଧ କରିବା ସହ ତହସିଲଦାରଙ୍କୁ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ, ଅନିରୁଦ୍ଧ ପଧାନ, ଲକ୍ଷ୍ମଣ ଅମାତ, ଓଡିଶା ପ୍ରଶାସନିକ ସେବାର ଅଧିକାରୀ ଉପସ୍ଥିତ ଥିଲେ।



ଏସ୍‌ପି ଅଫିସ ସମ୍ମୁଖରେ ପ୍ରଶାସନିକ ଅଧିକାରୀମାନେ ।

## ମାତୃଭାଷା ଦିବସରେ ବକ୍ତୃତା ପ୍ରତିଯୋଗିତା

**ଦେବଗଡ଼,୨୧।୨(ଡି.ଏନ.ଏ)**

ଡାଏଟର ପୂରାତନ ଛାତ୍ର କଲ୍ୟାଣ ସଂଘ ଏବଂ ରିନେସାଁ ଆର୍ଟୀଷ୍ଟସ୍ ଆଣ୍ଡ ରାଇଟର୍ସ ଆସୋସିଏଶନ(ରାୱା) ଆନୁକୂଲ୍ୟରେ ସୋମବାର ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରେ ଅନଲାଇନ ମାଧ୍ୟମରେ ସ୍କୁଲ ପିଲାଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସଂଘ ସଭାପତି ସୂର୍ଯକାନ୍ତ ସ୍ୱାଇଁଙ୍କ ସଭାପତିତ୍ୱ ଏବଂ ମନ୍ଦାକିନୀ କିସାନଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡାଏଟ୍‌ର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଶରତ ଚନ୍ଦ୍ର ସେଠ ଓ ରିନେସାଁ ଆର୍ଟୀଷ୍ଟସ୍ ଆଣ୍ଡ ରାଇଟର୍ସ ଆସୋସିଏଶନ ସଂଯୋଜିକା କଲ୍ୟାଣୀ ଶର୍ମା ଯୋଗଦେଇ ନିଜ ବକ୍ତବ୍ୟ ଉପସ୍ଥାପନ କରିଥିଲେ ।

# ଗଣମାଧ୍ୟମ ପ୍ରତିନିଧିଙ୍କ ବିରୋଧରେ ବିଧାୟକଙ୍କ ଏତଲା

**ଦେବଗଡ଼,୨୧।୨(ଡି.ଏନ.ଏ)**

ଦେବଗଡ ଜିଲାରେ ଇତି ମଧରେ ତିନୋଟି ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଏ ସମ୍ପର୍କୀତ ଖବର ବିଭିନ୍ନ ଖବରକାଗଜ ଏବଂ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ତେବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଏକ ନିର୍ଦ୍ଦିଷ୍ଟ ଘରୋଇ ନ୍ୟୁଜ ଚ୍ୟାନେଲର ଜିଲା ପ୍ରତିନିଧି ବ୍ରିଜେଶ ରଞ୍ଜନ ସାହୁ, ଉକ୍ତ ଚ୍ୟାନେଲର ଖବର ଉପସ୍ଥାପିକା ଏବଂ ସମ୍ପାଦକଙ୍କ ବିରୁଦ୍ଧରେ ଦେବଗଡ ଆଦର୍ଶ ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିବେଦନ କରିଛନ୍ତି। ଉକ୍ତ ଘରୋଇ ଟିଭି ଚ୍ୟାନେଲରେ ତାଙ୍କର ଏବଂ ଭାଜପା ଦଳର ସମ୍ମାନ ହାନୀ ଘଟିଥିବା ତାଙ୍କ ଏତଲାରେ ଦର୍ଶାଇଥିବା ଜଣାପଡିଛି। ମାତ୍ର ବିଧାୟକ ପାଣିଗ୍ରାହୀ ଗଣମାଧ୍ୟମର କଣ୍ଠରୋଧ କରିବା ପାଇଁ ଥାନାରେ ଏଭଳି ଅମୂଳକ ଏତଲା ଦେଇଥିବା ଦେବଗଡ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୋଗ କରାଯିବା ସହ ବିଧାୟକଙ୍କ ଏଭଳି ମନୋଭାବକୁ ଦୃଢ ଭାବେ ନିନ୍ଦା କରାଯାଇଛି । ସେହିପରି ସେମାନଙ୍କ ବିରୁଦ୍ଧରେ ପ୍ରଦାନ କରାଯାଇଥିବା ଏତଲା ପ୍ରତ୍ୟାହାର କରା ନ ଯିବା ପର୍ଯ୍ୟନ୍ତ ବିଧାୟକଙ୍କର ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ବୋଲି ସଂଘ ପକ୍ଷରୁ ସର୍ବସମ୍ମତି କ୍ରମେ ନିଷ୍ପତି ନିଆଯାଇଛି। ବରିଷ୍ଠ ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଜିଲା ସାମ୍ବାଦିକ ସଂଘର ଏକ ଜରୁରୀ ବୈଠକରେ ବରିଷ୍ଠ ସାମ୍ବାଦିକ ଅଶୋକ କୁମାର ନନ୍ଦ, ସିଦ୍ଧାର୍ଥ ଗୁରୁ, ପୃଥ୍ୱୀରାଜ ପଟ୍ଟନାୟକ, ପ୍ରଣବ କିଶୋର ଗୁରୁ, ସିଦ୍ଧେଶ୍ୱର ଗୁରୁ, ବ୍ରିଜେଶ ରଂଜନ ସାହୁ, ତରୁଣ କୁମାର ସାହୁ, ଶଶାଙ୍କ ଶେଖର ଝାଙ୍କର, ଶକ୍ତି ସୌରଭ ନନ୍ଦ, ପ୍ରତାପ କିଶୋର ନାୟକ, ଅନୁଜ କୁମାର ପ୍ରଧାନ, ନିର୍ମାଲ୍ୟ ପ୍ରସାଦ ସାହୁ , ମାନସ କୁମାର ଦ୍ୱିବେଦୀ, ଟିକେଶ୍ୱର ଗୁରୁ ଓ ପ୍ରଶାନ୍ତ କୁମାର ଭୁକ୍ତା ପ୍ରମୁଖ ଯୋଗଦେଇ ଉକ୍ତ ନିର୍ଦ୍ଦିଷ୍ଟ ଟିଭି ଚ୍ୟାନେଲ ପ୍ରତି ବିଧାୟକ ପାଣିଗ୍ରାହୀଙ୍କ ଆକ୍ରୋଶ ମୂଳକ ଅଭିଯୋଗକୁ ଦୃଢ ଭାବେ ନିନ୍ଦା କରାଯିବା ସହ ଗଣମାଧ୍ୟମର କଣ୍ଠରୋଧ ପାଇଁ ତାଙ୍କର ଏଭଳୀ ପ୍ରୟାସକୁ ବରଦାସ୍ତ କରାଯିବ ନାହିଁ ବୋଲି କୁହାଯାଇଥିଲା। ଏଥିସହିତ ବିଧାୟକ ପାଣିଗ୍ରାହୀ ଏତଲା ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ବିଧାୟକଙ୍କର ସମସ୍ତ କାର୍ଯ୍ୟକ୍ରମକୁ ବର୍ଜନ କରାଯିବ ବୋଲି ନିଷ୍ପତି ନିଆଯାଇଥିଲା । ସାମ୍ବାଦିକମାନଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଏହି ଅବସରରେ ସାମ୍ବାଦିକ ମାନଙ୍କ ପକ୍ଷରୁ ଦାବି କରାଯାଇଥିଲା। ଶେଷରେ ସାମ୍ବାଦିକ ପ୍ରଣବ କିଶୋର ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଯୋଗ୍ୟଯେ,ଏ ଘଟଣାକୁ ଜିଲା କଂଗ୍ରେସ ପକ୍ଷରୁ ମଧ ଦୃଢ ନିନ୍ଦା କରାଯିବା ସହ ଏହା ବିଧାୟକ ପାଣିଗ୍ରାହୀଙ୍କ ଭିରୁତା ଏବଂ ଗଣ ମାଧ୍ୟମର କଣ୍ଠରୋଧ ପାଇଁ ଏହା ଏକ ଅସଫଳ ପ୍ରୟାସ ବୋଲି ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଦୋକାନ ଜାଳିଲେ ଦୁର୍ବୃତ୍ତ



ବଡ଼ଗାଁ, ୨୧।୨(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରଗଡ଼ବାହାଲ ଗ୍ରାମରେ ରାଜନୈତିକ ହିଂସାର ପ୍ରତିଫଳନ ଦେଖାଯାଇଛି। ରବିବାର ବିଳମ୍ବିତ ରାତିରେ ଗରଗଡ଼ବାହାଲ ଗାଁର ବାସିନ୍ଦା ସ୍ଥାନୀୟ ପୂର୍ବତନ ସରପଞ୍ଚ ଭଗବାନ ଲାକ୍ରାଙ୍କ ରାଶନ ଦୋକାନକୁ ଖଳ ପ୍ରକୃତିର ଲୋକେ ଜାଳି ଦେଇଛନ୍ତି। ରାତି ଅଢେଇଟାବେଳେ ନିର୍ବାଚନ ଡ୍ୟୁଟି ସାରି କେତେକ କର୍ମଚାରୀ ଘରକୁ ଫେରୁଥିବାବେଳେ ଦୋକାନ ଭିତରୁ ଧୂଆଁ ବାହାରୁଥିବା ଦେଖି ଦୋକାନ ମାଲିକ ଲାକ୍ରାଙ୍କୁ ଜଣାଇଥିଲେ। ସେ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଲିଭାଇଥିଲେ। ନିଆଁଲାଗି ପ୍ରାୟ ଅଢେଇ ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଜଳି ନଷ୍ଟ ହୋଇଯାଇଛି।

### ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା ଅଫିସ,୨୧।୨: ରାଉରକେଲା ପ୍ଲାଣ୍ଟ ସାଇଟ ଥାନା ଅନ୍ତର୍ଗତ ରେଲୱେ କଲୋନୀ ଅଞ୍ଚଳରେ ଜଣେ ବୃଦ୍ଧାଙ୍କ ମୃତଦେହକୁ ପୋଲିସ ସୋମବାର ଜବତ କରିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ରାତି ୮ଟା) ମୃତ ବୃଦ୍ଧଙ୍କ କୌଣସି ପରିଚୟ ମିଳିନାହିଁ। ରେଲୱେ କଲୋନୀ ଇନ୍ଦିରା ନଗର ଅଞ୍ଚଳରେ ବୃଦ୍ଧ ଜଣକ ଭିକ୍ଷାବୃତ୍ତି କରି ଚଳନ୍ତି। ସୋମବାର ଉକ୍ତ ଅଞ୍ଚଳରେ ଥିବା ଏକ ନାଳ ପାଖରେ ବୃଦ୍ଧଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ମୃତଦେହକୁ ଆରଜିଏଚ୍ ମର୍ଗ ହାଉସ୍‌ରେ ରଖି ତଦନ୍ତ ଜାରି ରଖିଛି।

### ଏସି ଚୋରି, ଯୁବକ ଗିରଫ

ରାଉରକେଲା ଅଫିସ,୨୧।୨: ରାଉରକେଲା ବାସନ୍ତୀ କଲୋନୀର ଜଣଙ୍କ ଘରୁ ଏସି ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଅଙ୍କିତ ପ୍ରସାଦ(୨୩)। ତାଙ୍କଠାରୁ ଚୋରି ଏସି ଜବତ ହୋଇଛି । ଅଙ୍କିତ ରବିବାର ବିଳମ୍ବିତ ରାତିରେ ବାସନ୍ତୀ କଲୋନୀର ସତ୍ୟବ୍ରତ ଲେଙ୍କାଙ୍କ ଘର ଝରକାରେ ଲାଗିଥିବା ଏସିକୁ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୩୯।୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ଖବରଦାତାଙ୍କ ସୁରକ୍ଷା ଦାବିକଲା ରେଢ଼ାଖୋଲ ସଂଘ

ରେଢାଖୋଲ,୨୧।୨(ଡି.ଏନ.ଏ.): ଚଳିତ ପଞ୍ଚାୟତ ନବାଚନ ବେଳେ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାଙ୍କୁ ରାଜ୍ୟର ବିଭିନ୍ନ ସ୍ଥାନରେ ମରଣାନ୍ତକ ଆକ୍ରମଣକୁ ରେଢାଖୋଲ ଉପଖଣ୍ଡ ସାମ୍ବାଦିକ ସଂଘ ଦୃଢ ନିନ୍ଦା କରିଛି। ସୋମବାର ସଂଘ କାର୍ଯ୍ୟାଳୟଠାରେ ଉପସଭାପତି ମହାବୀର ସିଂଦେଓଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପାଦକ ଦେବାନନ୍ଦ ପ୍ରଧାନ, ରଞ୍ଜିତ ଦେହୁରି, ରାଜା ପାଲ, ଯଶୋବନ୍ତ ନାରାୟଣ ସାହୁ, ସୁଶାନ୍ତ ପ୍ରଧାନ, ଅଚ୍ୟୁତାନନ୍ଦ ପୁରୋହିତଙ୍କ ସମେତ ସମସ୍ତ ସଭ୍ୟ ଯୋଗଦେଇ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏଥିସହ କାର୍ଯ୍ୟରତ ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା।

### ବର୍ଷିୟାନ କ୍ରୀଡ଼ା ସଂଘର ବାର୍ଷିକ ପ୍ରତିଯୋଗିତା

ସମ୍ବଲପୁର,୨୧।୨(ବ୍ୟୁରୋ): ସମ୍ବଲପୁର ବର୍ଷିୟାନ କ୍ରୀଡା ସଂଘର ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ରୁ ୮୫ ବର୍ଷ ବୟସର କ୍ରୀଡାବିତ୍ ଭାଗ ନେଇଥିଲେ। ସଭାପତି ଗୋକୁଳ ଚନ୍ଦ୍ର ଦର୍ଜି କ୍ରୀଡାବିତ୍‌ଙ୍କୁ ଶପଥ ପାଠ ଓ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ପୁରୁଖା ଖେଳ ପ୍ରଶିକ୍ଷକ ସୁରେନ୍ଦ୍ର ମୋହନ ପୁରୋହିତଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ଉପସଭାପତି ବିଶ୍ୱମ୍ଭର ବହିଦାର ଧନ୍ୟବାଦ ଦେଇଥିଲେ।

# ଆସାମୀ କବିଙ୍କ ସ୍ମୃତିରକ୍ଷା ପାଇଁ ପଦକ୍ଷେପ

ସମ୍ବଲପୁର,୨୧।୨(ବ୍ୟୁରୋ)

ସମ୍ବଲପୁର କଚେରି ଛକରେ ଥିବା ଆସାମୀ କବି ଲକ୍ଷ୍ମୀନାଥ ବେଜବରୁଆଙ୍କ ଘର ନବୀକରଣ ପାଇଁ ଆସାମ ସରକାର ପୁଣି ଆଗେଇ ଆସିଛନ୍ତି। ପୂର୍ବରୁ ସେଠିକା ସରକାର ୫୦ଲକ୍ଷ ଟଙ୍କା ଦେଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷ ବଜେଟରେ ୮୦ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଆସାମ କଳା ସଂସ୍କୃତିର ପ୍ରଚାର ପ୍ରସାର ସହ କବି ବେଜବରୁଆଙ୍କ ସ୍ମୃତି ସାଇତି ରଖିବା ପାଇଁ ଆସାମ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି।

କବି ବେଜବରୁଆ ୧୯୧୭ରୁ ୧୯୩୭ ମସିହା ପର୍ଯ୍ୟନ୍ତ ପ୍ରାୟ ୨୦ ବର୍ଷ ଧରି ସମ୍ବଲପୁରରେ ରହୁଥିଲେ। ୧୯୨୪ରେ ସେ କଚେରି ରୋଡରେ ରହିବା ପାଇଁ ଏକ ଘର ଓ ସାଧନା ପାଇଁ ଏକ ଗୃହ ନିର୍ମାଣ କରିଥିଲେ। ସମୟକ୍ରମେ ଘରଗୁଡିକର ଅବସ୍ଥା ଶୋଚନୀୟ ହୋଇପଡିଥିଲା। ମହାନଦୀ ଦ୍ୱିତୀୟ ସେତୁ ନିର୍ମାଣ ସମୟରେ ଏହାକୁ ଭାଙ୍ଗିବା ପାଇଁ ସ୍ଥିର କରାଯାଇଥିବାବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିଲା। ଆସାମ ଓ ଓଡ଼ିଶା ସରକାରଙ୍କ ମିଳିତ ଆଲୋଚନା ପରେ ଘର ନ ଭାଙ୍ଗି ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା। ତଦନୁଯାୟୀ ୨୦୧୮ରେ ଆସାମ ସରକାର ୫୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିଥିଲେ। ରାଜ୍ୟ ସରକାର ମଧ୍ୟ ୫୫ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ମୋଟ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଇନ୍‌ଟାକ ଜରିଆରେ ସାଧନା ଗୃହ ଉନ୍ନତୀକରଣ କରାଯାଇଛି। ଏବେ ଅତିରିକ୍ତ ୮୦ ଲକ୍ଷ ଟଙ୍କା ବଜେଟରେ ବାସଗୃହ ଉନ୍ନତି କରାଯିବ। ରାଜ୍ୟ ସରକାର ୫୦ ଲକ୍ଷ ଟଙ୍କା ଯୁସି ଆସାମ ସରକାରଙ୍କ ପାଖରେ



ସମ୍ବଲପୁରରେ ଥିବା ଆସାମ କବି ବେଜବରୁଆଙ୍କ ଘର ।

ଦାଖଲ କରିବା ପରେ ଅତିରିକ୍ତ ବଜେଟ ଶୀଘ୍ର ଆସି କାମ ହେବ ବୋଲି ଐତିହାସିକ ଦୀପକ କୁମାର ପଣ୍ଡା କହିଛନ୍ତି। ସେ ଆହୁରି କହିଛନ୍ତି, ସାଧନା ଗୃହ କାମ ଶେଷ ହୋଇଯାଇଛି। ଅତିରିକ୍ତ ବଜେଟରେ ଅନ୍ୟ କାମ କରାଯିବ। ସମସ୍ତ କାମ ଶେଷ ହେବା ପରେ ଏହି ସାଧନା ଗୃହକୁ ମ୍ୟୁଜିୟମ କରାଯିବ। ଆସାମ ସରକାର କବିଙ୍କ ସ୍ମୃତି ଜଡିତ ସାମଗ୍ରୀ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କବିଙ୍କ ଲିଖିତ ବହି ଓ ବ୍ୟବହୃତ ଅନ୍ୟ ସାମଗ୍ରୀ ରହିବ। ସମ୍ବଲପୁର ସହରରେ ଏହା ଏକ ଐତିହାସିକ ଗୃହ

#### ଆସାମ ସରକାରଙ୍କ ୮୦ ଲକ୍ଷ ଟଙ୍କା ଅନୁମୋଦନ

ହୋଇ ରହିବ। ପର୍ଯ୍ୟଟକମାନେ ଆସି ଏହି ଘର ଦେଖିବା ସହ ମ୍ୟୁଜିୟମ ବୁଲି ଅନେକ କିଛି ଜାଣିପାରିବେ। ପୂର୍ବରୁ ଆସାମ ସରକାରଙ୍କ ମନ୍ତ୍ରୀ, ସଚିବ, ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତାଙ୍କ ଭଳି ଅନେକ ଅଧିକାରୀ ଆସି କବିଙ୍କ ସାଧନା ପୀଠ ଓ ବାସଗୃହ ବୁଲି ଦେଖିଛନ୍ତି। ଏବେ କବି ଓ ତାଙ୍କ ପରିବାର ସମ୍ପର୍କରେ କେତେକ ଫଟୋ ପ୍ରଦର୍ଶନ କରାଯାଇଛି। ସାଧନାଗୃହ ନିର୍ମାଣ ଶେଷ ହୋଇ ଖୁବ୍‌ଶୀଘ୍ର ରାଜ୍ୟ ପର୍ଯ୍ୟଟନ ବିଭାଗ ହାତକୁ ଚାଲିଯିବ। ପରେ ଏହା ପର୍ଯ୍ୟଟନସ୍ଥଳ ଭାବେ ପରିଚିତ ହୋଇଯିବ ବୋଲି ସେ କହିଥିଲେ।

## ବର୍ଜ୍ୟଜଳ ବିଶୋଧନ ପାଇଁ ଚୁକ୍ତି ସ୍ୱାକ୍ଷର

ରାଉରକେଲା ଅଫିସ,୨୧।୨

ରାଉରକେଲା ଇସ୍ପାତ କାରଖାନାର ଜିରୋ ଲିକ୍ୱିଡ ଡିସ୍‌ଚାର୍ଜ ଯୋଜନା ଅଧୀନରେ ଅହମ୍ମଦାବାଦର ଅରବିନ୍ଦ ଏନଭିସୋଲ ଲିମିଟେଡ (ଏଇଏଲ) ଓ ଆରଏସ୍‌ପି ମଧ୍ୟରେ ବର୍ଜ୍ୟଜଳ ବିଶୋଧନ ପାଇଁ ସୋମବାର ଏକ ଚୁକ୍ତି ସ୍ୱାକ୍ଷାରିତ ହୋଇଛି। ଉକ୍ତ ଚୁକ୍ତିରେ ୫ ବର୍ଷ ପାଇଁ ଉକ୍ତ ବ୍ୟବସ୍ଥାର ଅପରେଶନ ଓ ରକ୍ଷଣାବେକ୍ଷଣ ଅନ୍ତର୍ଭୁକ୍ତ ରହିଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ବିଭାଗର ନିର୍ଦ୍ଦେଶକ ଏ. କେ. ପ୍ରଧାନ ଆରଏସ୍‌ପିର ଓ ବିଜନେସ୍ ଡେଭଲପମେଣ୍ଟ ମୁଖ୍ୟ ଦକ୍ଷ ରଞ୍ଜନ ଏଇଏଲର ପ୍ରତିନିଧିତ୍ୱ କରିଥିଲେ। ଏହି ଅବସରରେ ପ୍ରକଳ୍ପ ବାଣିଜ୍ୟ ବିଭାଗର ସିଜିଏମ୍ ପି. କେ. ସାହୁ, ପରିବେଶ ଓ ୟୁଟିଲିଟି ବିଭାଗର ସିଜିଏମ୍ ଆଇ. ରାଜନ, ଏଇଏଲର ଜୋନାଲ ମ୍ୟାନେଜର ରାକେଶ ଜୈନ, ବିତ୍ତ ଓ ଲେଖା ବିଭାଗର ମୁଖ୍ୟ ଏ. ପଟେଲଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ୧୩୯ କୋଟି ଟଙ୍କାର ବ୍ୟୟରେ ଏହି ଜଳ ବିଶୋଧନ ବ୍ୟବସ୍ଥା ଘଣ୍ଟା ପ୍ରତି ୧୮୦୦ ଘନମିଟର ବର୍ଜ୍ୟଜଳ ବିଶୋଧନ କରିବ ।

## କୁଟୁରାଚୁଆଁ କଲେଜରେ ବିଶ୍ୱ ମାତୃଭାଷା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

କୁଚିଣ୍ଡା,୨୧।୨(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଟୁରାଚୁଆଁ ଯୁକ୍ତଦୁଇ କଲେଜରେ ସୋମବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିଲାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ଉପସ୍ଥିତ ଅତିଥିଗଣ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ଅତିଥି ପରିଚୟ ଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମା', ମାଟି ଓ ମାତୃଭାଷା ବିଷୟରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ରଞ୍ଜିତା ସା ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ର ପିପୁଲ ସୁନାନୀ, ଡୁଲେନ୍ଦ୍ର ଭଞ୍ଜ, ସୁରଜ ଦେହୁରିଆ, ଛାତ୍ରୀ ସୁପ୍ରିୟା ପଶାୟତ, ଉମେଶ୍ୱରୀ ମାଝି ଓ ଦିପାଞ୍ଜଳୀ ନାଏକ ସ୍ୱରଚିତ କବିତା ପାଠ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଶୁଦ୍ଧ ଲିଖନ ଓ କବିତା ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ଶେଷରେ ଅଧ୍ୟାପକ ସତ୍ୟନାରାୟଣ ପଟେଲ ଧନ୍ୟବାଦ ଦେଇଥିଲେ।

## ତହସିଲ କାର୍ଯ୍ୟାଳୟରେ ହଇରାଣ ହେଉଛନ୍ତି ଲୋକେ

କୁତ୍ରା, ୨୧।୨(ଡି.ଏନ.ଏ.)

#### ଜବାବ ମାଗିଲେ ନାଲିଆଖି

ସୁନ୍ଦରଗଡ ଜିଲା କୁତ୍ରା ତହସିଲ କାର୍ଯ୍ୟାଳୟରେ ସାଧାରଣ ଜନତାଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ନିୟମିତ ତହସିଲଦାର ପଦବୀ ପୂରଣ ହେଉ ନ ଥିବାର ଫାଇଦା ନେଉଛନ୍ତି କେତେକ ନିର୍ଦ୍ଦିଷ୍ଟ କର୍ମଚାରୀ ଓ ମଧ୍ୟସ୍ଥ। ଛୋଟ କାମ ପାଇଁ ବି ତହସିଲ ଅଫିସକୁ ବାରମ୍ବାର ଦୌଡିବାକୁ ପଡୁଛି। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କେତେକ ରାଜସ୍ୱ ନିରୀକ୍ଷକ ମନମୁତାବକ କାର୍ଯ୍ୟ କରୁଛନ୍ତି ଏବଂ ଲୋକଙ୍କୁ ହଇରାଣ କରୁଥିବା ଘଟଣା ଦେଖିବାକୁ ମିଳୁଛି। ରାଜସ୍ୱ ବିଭାଗର ଅଧିକାଂଶ ସ୍ଥାନରେ କର୍ମଚାରୀଙ୍କ ଅଭାବ ଯୋଗୁ ସକ୍ରିୟ ମଧ୍ୟସ୍ଥ କର୍ମଚାରୀଙ୍କ ଅଭାବର ଫାଇଦା ନେଇ କର୍ମଚାରୀର ଭୂମିକା ନିଭାଉଛନ୍ତି ଓ ଅର୍ଥ ନେବା ଘଟଣା ତଳ ଉପରୁ ସମସ୍ତଙ୍କୁ ଜଣା। କୁତ୍ରା ତହସିଲଦାର ପଦବୀରେ ରବୀନ୍ଦ୍ର କୁମାର ସେଠୀ ଯୋଗ ଦେବା ପରେ ତାଙ୍କ କାର୍ଯ୍ୟ ଦେଖି ଅଞ୍ଚଳବାସୀ ବେଶ ଖୁସି ହୋଇଥିଲେ। କିନ୍ତୁ ଗତ ତିନି ମାସ ହେବ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ବଦଳି ହେବା ପରେ ତାଙ୍କୁ ବିଡ଼ିଓ ଭାବରେ ଅବସ୍ଥାପିତ କରାଯାଇଛି। ଅତିରିକ୍ତ ଦାୟିତ୍ୱ ନେଇ ତହସିଲଦାର ଭାବରେ ଅଛନ୍ତି। ତେଣୁ ବର୍ତ୍ତମାନ କୁତ୍ରା ତହସିଲ କାର୍ଯ୍ୟାଳୟରେ ପୁଣି ପୁରୁଣା ଅବସ୍ଥା ଦେଖିବାକୁ ମିଳୁଛି। ତହସିଲ ଉପରେ ନିର୍ଭର କରୁଥିବା ଜନତାଙ୍କୁ ନ୍ୟାୟ ତ ମିଳୁ ନାହିଁ ପରନ୍ତୁ ହଇରାଣ ହେବାକୁ ପଡୁଛି। କର୍ମଚାରୀଙ୍କୁ କିଛି ପଚାରିଲେ ନାଲିଆଖି ଦେଖାଉଥିବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଅର୍ଥ ଲୋଭରେ ଅନେକଙ୍କୁ ଅପ୍ରୀତିକର ଅବସ୍ଥାର ସାମ୍ନା କରିବାକୁ ପଡୁଛି। ରାଜ୍ୟ ସରକାର ୫-ଟି ଏବଂ ଜିରୋଟଲରାନ୍ସକୁ ଗୁରୁତ୍ୱ ଦେଉଥିବା ବେଳେ କୁତ୍ରା ଜନସାଧାରଣ କାହିଁକି ଏହାର ସୁବିଧା ଉପଲବ୍ଧ ନ କରିବେ ସେ ଦିଗରେ ଜିଲା ପ୍ରଶାସନ ତତ୍ପର ହେବେ କି ବୋଲି ତହସିଲ କାମରେ ଆସିଥିବା ଅନେକ ସାଧାରଣ ନାଗରିକ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ଉଚିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ବ୍ୟକ୍ତିର ଅସ୍ମିତା ନିର୍ମାଣ କରେ ମାତୃଭାଷା

ସମ୍ବଲପୁର,୨୧।୨(ବ୍ୟୁରୋ)

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଭୀମ ଭୋଇ ଗବେଷଣା ଚେୟାର ଆବାହନରେ ଅନୁଷ୍ଠିତ ସମ୍ମାନରେ କୁଳପତି ପ୍ରଫେସର ଏନ୍. ନାଗାରାଜୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ବ୍ୟକ୍ତି ତଥା ସମାଜର ଅସ୍ମିତା ନିର୍ମାଣରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଯାହା ପାଖରେ ମାତୃଭାଷା ନାହିଁ ତା'ର ଅସ୍ମିତା ନାହିଁ। ଅନ୍ୟତମ ବକ୍ତା ପ୍ରଫେସର ମୀନକେତନ ପାଠୀ 'ମୋ ଅଞ୍ଚଳର ଭାବନାର ଭାଷା ହେଉଛି ସମ୍ବଲପୁରୀ କୋଶଲୀ' ବୋଲି କହିଥିଲେ। ପ୍ରଫେସର୍ ପ୍ରଦୀପ କୁମାର ପଣ୍ଡା ସ୍ୱାଗତ ଭାଷଣ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶରୀ ଦାଶ, ହିନ୍ଦୀ ବିଭାଗ ପ୍ରଫେସର ସଦନରାମ ପାଲ, ଓଡ଼ିଆ ଅଧ୍ୟାପକ ପରୀକ୍ଷିତ ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ିଆ, ହିନ୍ଦୀ, ସଂସ୍କୃତ ଓ ଇଂରାଜୀ ଆଦି ଭାଷା ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ଅବିନାଶ ଆଣ୍ଡ ପାର୍ଟନର ଚାମ୍ପିୟନ

ରେଢାଖୋଲ,୨୧।୨(ଡି.ଏନ.ଏ.)

ରେଢାଖୋଲ କଦମ୍ବପଡିଆସ୍ଥିତ ଇଣ୍ଡୋର ଷ୍ଟାଡିୟମଠାରେ ୬ଷ୍ଠ ତମ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଟୁର୍ନାମେଣ୍ଟରେ ୩୨ ଟିମ୍ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଅନୁଗୋଳର ଅବିନାଶ ଆଣ୍ଡ ପାର୍ଟନର ଓ କୁଚିଣ୍ଡା କେସେଇବାହାଳର ସ୍ୱାଧୀନ ଆଣ୍ଡ ପାର୍ଟନର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୨-୦ ସେଟରେ ଅବିନାଶ ଆଣ୍ଡ ପାର୍ଟନର ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ପଞ୍ଚଖଣ୍ଡା ବ୍ୟାଡମିଣ୍ଟନ କ୍ଲବ ସଭାପତି ବିକାଶ ଦାଶ, ସମ୍ପାଦକ ଆଇନଜୀବୀ ଅନ୍ତର୍ଯାମୀ ସାହୁ, ସଭ୍ୟ ରଞ୍ଜିତ ମହାନ୍ତି, ଅରବିନ୍ଦ ସାହୁ ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିବା ବେଳେ ରାଜେଶ ସାହୁ ଓ ଅନ୍ତର୍ଯାମୀ ସାହୁ ପରିଚାଳନା କରିଥିଲେ।



ଖେଳାଳିଙ୍କ ଗହଣରେ ଅତିଥିମାନେ।

## ହାରଜିତ ନେଇ ସବୁଠି ଚର୍ଚ୍ଚା

କୁତ୍ରା, ୨୧।୨(ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକରେ ଗତ ୧୮ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ପ୍ରାର୍ଥୀଙ୍କ ଭାଗ୍ୟ ଏବେ ଭୋଟ ବାକ୍ସରେ। କୁତ୍ରା ବ୍ଲକରେ ୧୬ଟି ଗ୍ରାମ ପଞ୍ଚାୟତ ରହିଛି। ୧୬ଟି ଗ୍ରାମ ପଞ୍ଚାୟତ ପାଇଁ ୮୬ ଜଣ, ୧୬ ଟି ସମିତି ସଭ୍ୟ ପାଇଁ ୬୪ ଜଣ ଓ ୮୬ ଜଣ ୱାର୍ଡ ସଭ୍ୟ ପାଇଁ ଲଢେଇ କରୁଥିଲେ। ତେବେ ଆସନ୍ତା ୨୬ ତାରିଖ ସେମାନଙ୍କ ଭାଗ୍ୟ ଖୋଲିବ। କେଉଁ ପ୍ରାର୍ଥୀ କେତେ ଭୋଟ ପାଇଲା ତାକୁ ନେଇ ସମସ୍ତେ ହିସାବ କିତାବ କରୁଥିବା ଦେଖିବାକୁ ମିଳୁଛି। ତେବେ ଆସନ୍ତା ୨୬, ୨୭, ୨୮ ରେ ଜଣାପଡିବ କେଉଁ ପ୍ରାର୍ଥୀ ବିଜୟ ହେଉଛି କିଏ ପରାଜୟ ହେଉଛି। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଜୋନରେ ଥିବା ୯ଟି ପଞ୍ଚାୟତ ପାଇଁ କୁତ୍ରା ଉଚ୍ଚ ବିଦ୍ୟାଳୟ ସ୍ମାର୍ଟରୁମରେ ୨୬ ତାରିଖ ଗଣତି ହେବ। ଗଣତି ପାଇଁ ୯ ଟି ଟେବୁଲର ବ୍ୟବସ୍ଥା କରାଯାଇଛି। ଗୋଟେ ଟେବୁଲରେ ଦୁଇ ଜଣ କାଉଣ୍ଟିଂ ଆସିଷ୍ଟାଣ୍ଟ, ଜଣେ ସୁପରଭାଇଜର ଓ ଜଣେ ପିଅନଙ୍କୁ ଦାୟିତ୍ୱ ଦିଆଯାଇଛି। ଏମିତି ଭାବରେ ୩୬ଜଣ ଦାୟିତ୍ୱରେ ଅଛନ୍ତି। ତା ସହିତ ୪ ଜଣ ଆସିଷ୍ଟାଣ୍ଟ ମଧ୍ୟ ରହିବେ। ଲୋକଙ୍କ ଦେଖିବା ପାଇଁ ସ୍କୁଲ ପଡ଼ିଆରେ ଗୋଟେ ପ୍ରୋଜେକ୍ଟର ଲଗାଯିବ। ସାମ୍ବାଦିକ ଓ ପୋଲିସ ବାହିନୀ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିବା ସୂଚନା ଦେଇଛନ୍ତି କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ। ୨୭ ତାରିଖରେ ୭ ପଞ୍ଚାୟତ ପାଇଁ ଗଣତି ହେବ।

## ନାଟ୍ୟକଳା ପରିଷଦର ବାର୍ଷିକ ଉତ୍ସବ

ସମ୍ବଲପୁର,୨୧।୨(ବ୍ୟୁରୋ)

ସମ୍ବଲପୁର ନାଟ୍ୟକଳା ପରିଷଦର ବାର୍ଷିକ ଉତ୍ସବ ଶାସନ ନିକଟ ଅଜିତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ଶିବନାରାୟଣ ଶତପଥିଙ୍କ ପୌରୋହିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବ୍ୟୋମକେଶ ପଣ୍ଡା, ଡ. ସୁରୁବାବୁ ମେହେର, ଆର୍ତ୍ତତ୍ରାଣ ମିଶ୍ର, ଅନ୍ନପୂର୍ଣ୍ଣା ମିଶ୍ର, ଡ. ମମତାମୟୀ ପୁରୋହିତ, ସଦାନନ୍ଦ ସାନବର୍ଷା, ସଂଯୁକ୍ତା ପଣ୍ଡା ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ ।

## ଖବରଦାତାଙ୍କ ପାଇଁ ସ୍ୱତନ୍ତ୍ର ଆଇନ ହେଉ

ଝାରସୁଗୁଡ଼ା ଅଫିସ,୨୧।୨

ନିର୍ବାଚନ ସମୟରେ ଖବରଦାତାଙ୍କ ଉପରେ ହେଉଥିବା ଆକ୍ରମଣକୁ ଝାରସୁଗୁଡ଼ା ଜିଲା ପ୍ରେସ୍ କ୍ଲବ୍ ନିନ୍ଦା କରିଛି। ଏ ନେଇ ସଂଘ ତରଫରୁ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସାମଲଙ୍କୁ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ରହିଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ପ୍ରତିନିଧି ଏବେ ସୁରକ୍ଷିତ ନୁହନ୍ତି। କାର୍ଯ୍ୟରତ ଥିବା ସମୟରେ ସେମାନେ ଆକ୍ରମଣର ଶିକାର ହେଉଛନ୍ତି। ଏଥିପାଇଁ ସରକାର ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରନ୍ତୁ ବୋଲି ଜିଲା ପ୍ରେସ୍ କ୍ଲବ୍ ଦାବି କରିଛି। ଏହା ନ ହେଲେ ଆଗାମୀ ଦିନରେ ସାରା ରାଜ୍ୟରେ ଖବରଦାତା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ପ୍ରେସ୍ କ୍ଲବ୍ ସଭାପତି ପ୍ରଶାନ୍ତ ମହାନ୍ତି, ଉପସଭାପତି ପ୍ୟାରେଲାଲ ଶ୍ରୀବାସ୍ତବ, ସାଧାରଣ ସମ୍ପାଦକ ଭୁବନ କିଶୋର ତିୱାରୀ, ସମ୍ପାଦକ ରିତେଶ ଶର୍ମା, ବସନ୍ତ ଜେନା, ସୁରେନ୍ଦ୍ର ବାରିକ, ପ୍ରଭୁଦତ୍ତ ପୂଜାରୀ, ପ୍ରୀତମ ପଣ୍ଡା, ରବି ସାହୁ, ଜିତେନ୍ଦ୍ରୀୟ ଦେବତା ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି ପ୍ରେସ୍ କ୍ଲବ କର୍ମକର୍ତ୍ତା।

## ଅଲ୍ ଓଡ଼ିଶା କ୍ରିକେଟ: ୱାଇସିସି ବିଜୟୀ

ରାଉରକେଲା ଅଫିସ,୨୧।୨

ଡିଏଭି ଖେଳ ପଡିଆରେ ୧୫ତମ ପ୍ରକାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ବାସନ୍ତୀ କଲୋନୀ ୱାଇସିସି ଓ ବୀରମିତ୍ରପୁର ଦଳ ମଧ୍ୟରେ ଖେଳା ଯାଇଥିଲା। ବୀରମିତ୍ରପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଜବାବରେ ୱାଇସିସି ଦଳ ୭ ଉଇକେଟ ହରାଇ ୧୮୪ ରନ କରି ବିଜୟୀ ହୋଇଥିଲା। ୱାଇସିସି ଦଳର ଅଂଶୁମାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପ୍ରଦୀପ ସ୍ୱାଇଁ ଓ ପ୍ରଭାତ ଶୁକ୍ଳା ମ୍ୟାଚ୍ ପରିଚାଳନା କରିଥିଲେ। ମଙ୍ଗଳବାର ଆରୱାଇସିସି ଓ ରାଇଜିଂ ଦଳ ମଧ୍ୟରେ ଦ୍ୱିତୀୟ ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

## ମାତୃଭାଷା ରକ୍ଷା ପାଇଁ ସଙ୍କଳ୍ପବଦ୍ଧ ହେବା ଆବଶ୍ୟକ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଝାରସୁଗୁଡ଼ା ଅଫିସ,୨୧।୨

ଜିଲାପାଳଙ୍କ କାର୍ଯ୍ୟାଳୟର ଖଣିଜ ପାଣ୍ଠି ସଭାକକ୍ଷରେ ସୋମବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଭାଷା ପ୍ରତିଷ୍ଠାନ ଉପ କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ଜିଲାପାଳ ସରୋଜ କୁମାର ସାମଲ ଅଧ୍ୟକ୍ଷତା କରି ମାତୃଭାଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ବ୍ୟକ୍ତି ମାତୃଭାଷାରେ ହିଁ ଶ୍ରେଷ୍ଠ ଅଭିବ୍ୟକ୍ତି କରିପାରେ। ନିଜର ପୃଷ୍ଠଭୂମି ସୁଦୃଢ଼ ହେଲେ ଜଣେ ପ୍ରଗତି ପଥରେ ଅଗ୍ରସର ହୋଇପାରେ। ଏଣୁ ପ୍ରତ୍ୟେକ ନିଜର ମାତୃଭାଷା ରକ୍ଷା କରିବାକୁ ସଂକଳ୍ପ ବଦ୍ଧ ହେବା ଆବଶ୍ୟକ ବୋଲି କହିଥିଲେ। ପୁସ୍ତକ ପଠନ ପାଇଁ ସମସ୍ତଙ୍କୁ ଆହ୍ୱାନ କରିବା ସହ ଜିଲା ସଂସ୍କୃତି ଭବନର ଉପରମହଲାରେ ଆସନ୍ତା ମେ' ମାସରୁ ଜିଲା ପାଠାଗାର କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ। ସଭାରେ ଛତିଶଗଡ଼ରେ ଓଡ଼ିଆ ଭାଷା ଶିକ୍ଷା ଅଭିଯାନର କର୍ଣ୍ଣଧାର କ୍ଷମାସାଗର ଭୋଇ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ସାହିତ୍ୟ ଏକାଡେମୀ ସଦସ୍ୟା ଡ. ଶିବପ୍ରିୟା ମିଶ୍ର, ଝରଣା ସାହିତ୍ୟ ସଂସଦ ସଭାପତି ରାଧାମୋହନ ପାଣ୍ଡେ, ଅଧ୍ୟାପକ ତପନ ବାରିକ, ସାହିତ୍ୟପ୍ରେମୀ ସଂଗ୍ରାମ ରାଉତରାୟ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ମନ୍ଦାକିନୀ ଶତପଥୀ ସଭା ସଂଯୋଜନା କରିଥିଲେ। ଶେଷରେ ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଯୋଗେନ୍ଦ୍ର ମାଝି ଧନ୍ୟବାଦ ଦେଇଥିଲେ।

## ଟ୍ରକ୍ ଡ୍ରାଇଭରଙ୍କୁ ମାଡ଼ ମାରି ଲୁଟିଲେ ଦୁର୍ବୃତ୍ତ

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ସିନ୍‌ଖମନ ନିକଟ ୨୬ ନଂ. ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ ଡ୍ରାଇଭର ଓ ହେଲପରଙ୍କୁ ମାଡମାରି ୪ଜଣ ଦୁର୍ବୃତ୍ତ ଦୁଇଟି ମୋବାଇଲ ଫୋନ୍ ଓ ୧୫ଶହ ଟଙ୍କା ଲୁଟି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ବିଶାଖାପାଟଣାରୁ ଝାରସୁଗୁଡା ଅଭିମୁଖେ ଏକ କୋଇଲା ବୋଝେଇ ଟ୍ରକ୍ ଯାଉଥିଲା। ସିନ୍‌ଖମନ ନିକଟରେ ୪ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇଥିଲେ। ଡ୍ରାଇଭର ଓ ହେଲପରଙ୍କୁ ମାଡମାରି ସେମାନଙ୍କଠାରୁ ଫୋନ୍ ଓ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଟ୍ରକ୍ ଡ୍ରାଇଭର ରାୟଗଡ ଜିଲାର ଭି.ଦୀପକ କୁମାର ଓ ହେଲପର ସନ୍ତୋଷ ମହାଙ୍ଗୀ ସଦର ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରିଛି।

## ସଂକ୍ଷେପରେ

### ବିଦ୍ୟୁତ୍ ପୋଲ୍‌ରେ ପିଟିହେଲା ବାଇକ୍, ଜଣେ ମୃତ

**ଅମରପାଲି, ୨୧।୨(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ଅମରପାଲି ରାସ୍ତାର ହିଲୁଙ୍ଗ ପୋଲ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବହଳପଦର ପଞ୍ଚାୟତ ଅନ୍ତର୍ଗତ ପାତ୍ରପାଲ ଗାଁର ସୁମନ୍ତ ପଧାନ(୨୫)। ବାଇକ ପଛରେ ବସିଥିବା ଅନୁଗୋଳ ଜିଲା କିଆକଟା ଥାନା ହେଲେଇ ଗାଁର ଆଶିଷ ଦେହୁରି(୨୨) ଆହତ ହୋଇଛନ୍ତି। ପଥଚାରୀମାନେ ଉଭୟଙ୍କୁ ବୀରମହାରାଜପୁର ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସହାୟତାରେ ବୀରମହାରାଜପୁର ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ସୁମନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ ଆଶିଷ ବିବାହ କାର୍ଯ୍ୟରେ ଯୋଗଦେବାକୁ ନିଜ ଭଉଣୀ ଘରକୁ ଆସିଥିଲେ। ତାଙ୍କ ଭିଣୋଇଙ୍କ ସାଙ୍ଗ ସୁମନ୍ତଙ୍କ ସହ ସେ ଓଡି୩୧ଏଫ ୬୨୫୨ ନମ୍ବର ବାଇକରେ ବୀରମହାରାଜପୁର ଆସୁଥିବା ସମୟରେ ହିଲୁଙ୍ଗ ପୋଲ ନିକଟ ବୁଲାଣିରେ ଗାଡି ଭାରସାମ୍ୟ ହରେଇ ରାସ୍ତାକଡ ବିଦ୍ୟୁତ୍ ପୋଲରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ପ୍ଲାଟିନମ୍ ଜୁବିଲି ପ୍ରସ୍ତୁତି ବୈଠକ

**ପଦ୍ମପୁର,୨୧।୨(ଡି.ଏନ.ଏ):** ବରଗଡ଼ ଜିଲା ପଦ୍ମପୁର ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବିଲି ପାଳନ ପାଇଁ ପ୍ରସ୍ତୁତି ଚାଲିଛି। ଜୁବୁଲି ପାଳନ କମିଟି ଉପସଭାପତି ମନୋରଞ୍ଜନ ସିଂ ବରିହାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। କମିଟି ସମ୍ପାଦକ ଡ. ବିରଞ୍ଚି ସାହୁ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟପାଳଙ୍କୁ ମୁଖ୍ୟଅତିଥି କରିବା ପାଇଁ ମତପ୍ରକାଶ ପାଇଥିଲା। ରାଜ୍ୟପାଳଙ୍କ ସହ ଯୋଗାଯୋଗ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ଅନ୍ୟତମ ଉପ ସଭାପତି ଜୟନାରାୟଣ ତ୍ରିପାଠୀ, ସହସମ୍ପାଦକ ଗୋବିନ୍ଦ ପାଣିଗ୍ରାହୀ, କୋଷାଧକ୍ଷ ସଦାନନ୍ଦ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱକେଶନ ଦୋରା, ସତ୍ୟନାରାୟଣ ତ୍ରିପାଠୀ, ଚନ୍ଦ୍ରଶେଖର ପୁରୋହିତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ମୋହନ ବନଛୋର ଧନ୍ୟବାଦ ଅର୍ପଣ କରିଥିଲେ।

### ବିଶ୍ୱ ମାତୃଭାଷା ଦିବସ ପାଳିତ

**ବେହେରା,୨୧।୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରୁପେନ୍ଦ୍ର ବାଣୁଆ ସଭାପତିତ୍ୱ କରିଥିଲେ। ହିନ୍ଦୀ ଶିକ୍ଷକ ଚକ୍ରଧର ବାରିକ ସଭା ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ସଚ୍ଚିଦାନନ୍ଦ ଗୌଡ଼, ରାକ୍ଷିରାମ ବେହେରା, ଖେଳ ଶିକ୍ଷକ ସ୍ମିତି ରଞ୍ଜନ ନାଏକ, ଯୁବ କବି ରଜତ ବଂଶଳ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଜ ମାତୃଭାଷା ଓ ଗାଁ ପ୍ରତି କେମିତି ଯତ୍ନବାନ ହେବେ ସେ ବିଷୟରେ ବୁଝାଇଥିଲେ।

### ଡିଇଓ ଅଫିସ ଘେରିଲେ ଅଭିଭାବକ

**ବରଗଡ଼ ଅଫିସ୍,୨୧।୨ :** ଛାତ୍ରୀଛାତ୍ରଙ୍କ ଉପସ୍ଥାନ କମ୍ ଥିବା ଦର୍ଶାଇ ବିଭିନ୍ନ ପ୍ରାଥମିକ ସ୍କୁଲକୁ ବନ୍ଦ କରି ଅନ୍ୟ ସ୍କୁଲରେ ମିଶ୍ରଣକୁ ନେଇ ଅସନ୍ତୋଷ ଥମିବା ନାଁ ନେଉନାହିଁ। ଏହାର ପ୍ରତିବାଦରେ ବରଗଡ଼ ଜିଲାର ବିଭିନ୍ନ ପଞ୍ଚାୟତ ଅଧୀନ ଗ୍ରାମବାସୀ ଭୋଟ୍ ବର୍ଜନ କରିଛନ୍ତି। ଅନ୍ୟପଟେ ଏହି ଦାବି ନେଇ ମଙ୍ଗଳବାର ଜିଲାର କେନ୍ଦୁପାଲି, ଜଡ଼ାମୁଣ୍ଡା, ରଷିପାଲି, ହଳଦୀପାଲି ଆଦି ଗ୍ରାମର ଶତାଧିକ ଲୋକ ବରଗଡ଼ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ଅଫିସ ଘେରାଉ କରିଥିଲେ। ଏହାସହିତ ସେମାନେ ଡିଇଓଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଜିଲା ଅଭିଭାବକ ମହାସଂଘ ଆବାହକ ବିମଳ କୁମାର ଦାଶ, ସମ୍ପାଦକ ସୁଜିତ ମିଶ୍ର, ଦିଲୀପ ନନ୍ଦ, ଶିବାନନ୍ଦ ମଟାରୀ, ବାଲ୍ମିକୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ପାଟଣେଶ୍ୱରୀ ମନ୍ଦିର ପୂଜକ ବିବାଦର ତଦନ୍ତ କଲେ ଦେବୋତ୍ତର ନିରୀକ୍ଷକ

**ବଲାଙ୍ଗୀର ଅଫିସ, ୨୧।୨:** ବଲାଙ୍ଗୀରର ଇଷ୍ଟଦେବୀ ମା ପାଟଣେଶ୍ୱରୀ ମନ୍ଦିରରେ ତିନି ପୂଜକ ଭାଇ ମଧରେ ପୂଜା ପାଳିକୁ କେନ୍ଦ୍ରକରି ବିବାଦ ଉପୁଜିଥିଲା। ଏନେଇ ପରସ୍ପର ବିରୋଧରେ ସେମାନେ ଅଭିଯୋଗ କରିଥିଲେ। ଏହି ବିବାଦର ତଦନ୍ତ କରିବାକୁ ସମ୍ବଲପୁର ଦେବୋତ୍ତର ଡିଭିଜନ ନିରୀକ୍ଷକ ଦକ୍ଷିଣ କୁମାର ମାରାଣ୍ଡି ବଲାଙ୍ଗୀର ଆସି ପାଟଣେଶ୍ୱରୀ ମନ୍ଦିରକୁ ଯାଇ ତଦନ୍ତ କରିଥିଲେ। ତିନି ପୂଜକ ଭାଇଙ୍କ ପକ୍ଷ ଶୁଣିବା ପରେ ତଦନ୍ତ ରିପୋର୍ଟ ଉଚ୍ଚତର ଅଧିକାରୀଙ୍କୁ ଦେବେ ବୋଲି କହିଥିଲେ। ପୂଜକ ଭାଇମାନଙ୍କ ବିବାଦକୁ ନେଇ ଦେବୋତ୍ତର ଅଫିସର ତଥା ଉପଜିଲାପାଳ ହସ୍ତକ୍ଷେପ କରିଥିଲେ ମଧ ବିବାଦ ସମାଧାନ ନହେବାରୁ ଦେବୋତ୍ତର ଡିଭିଜନ ନିରୀକ୍ଷକ ଏହାର ତଦନ୍ତ କରିବାକୁ ଆସିଥିବା ଜଣାପଡିଥିଲା।

# ନୂଆ-ପୁରୁଣାଙ୍କ ମଧ୍ୟରେ ଲଢ଼େଇ

**୨୦୧୭ ଭୋଟ ଫଳାଫଳ**
ଭାଜପା-୧୫୦୬୦
ବିଜେଡି-୮୪୮୨
କଂଗ୍ରେସ-୧୨୬୧
ଉଲୁଣ୍ଡା ବ୍ଲକ ୨ନଂ ଜିଲା ପରିଷଦ ଜୋନ୍


ଝସକେତନ ବଘାର | ବାସୁଦେବ ମିଶ୍ର | ଚନ୍ଦ୍ରହାସ ଦଳାଇ | କୁଶ ମହାକୁର

**ସୋନପୁର,୨୧।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧିନ ୨ନମ୍ବର ଜିଲା ପରିଷଦ ଜୋନରେ ଚଳିତ ପଞ୍ଚାୟତ ନିର୍ବାଚନରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ବିଜେଡିରୁ ଝସକେତନ ବଘାର, ଭାଜପାରୁ ବାସୁଦେବ ମିଶ୍ର, କଂଗ୍ରେସରୁ ଚନ୍ଦ୍ରହାସ ଦଳାଇ, ବିଏସ୍‌ପିରୁ ଅଭିମନ୍ୟୁ ଡାଙ୍ଗ, ସିପିଆଇ(ଏମଏଲ)ରୁ କୁଶ ମହାକୁର ଓ ନୀଳାଦ୍ରି ଚନ୍ଦ୍ର ପାତ୍ର ସ୍ୱାଧୀନ ପ୍ରାର୍ଥୀଭାବେ ଲଢେଇରେ ସାମିଲ ହୋଇଛନ୍ତି। ଏଠାରେ ବିଜେଡିର ଅଭିଜ୍ଞ ନେତା ଝସକେତନ ଓ ଭାଜପାର ନୂଆ ଚେହେରା ବାସୁଦେବଙ୍କ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି। ଏହି ଜିଲା ପରିଷଦ ଜୋନରେ ଯାଲୋଏ, କଳାପଥର, ମହଦା, ରକ୍ସା, ମୁଣ୍ଡୋଘାଟ, ବିଶିପଡା ଓ ନିମ୍ନା ଆଦି ୭ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୦୨। ଭୋଟର ସଂଖ୍ୟା ୩୨୧୩୪। ଆସନ୍ତା ୨୪ତାରିଖ ଗୁରୁବାର ପଞ୍ଚମ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବ।

ଜୋନର ପୂର୍ବ ଇତିହାସକୁ ଦେଖିଲେ ୧୯୯୭ରେ ଜନତା ଦଳର ଅନିଲ କଳାୟତ ଜିଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ପରବର୍ତ୍ତୀ ସମୟରେ ଭାଜପା ସହଯୋଗରେ ଜିଲା ପରିଷଦ ଅଧ୍ୟକ୍ଷ ହୋଇଥିଲେ। ୨୦୦୨ରେ ଭାଜପାର ପୁଷ୍ପାଞ୍ଜଳୀ ପଧାନ, ୨୦୦୭ରେ ଭାଜପାର ବଳଦେବ ପ୍ରସାଦ ବେଦ୍‌ବାକ, ୨୦୧୨ରେ ବିଜେଡିର ପଦ୍ମିନୀ ବଘାର, ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଭାଜପାର ସୌଦାମିନୀ ଜାଲ ଜିଲା ପରିଷଦ ସଭ୍ୟଭାବେ କ୍ଷମତାରେ ଥିଲେ।

ଚଳିତ ଥର ଏହି ଆସନ ସାଧାରଣବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଭାଜପା ସର୍ବାଧିକ ୩ଥର, ଜନତା ଦଳ ଓ ବିଜେଡି ପ୍ରାର୍ଥୀ ଥରେ ଲେଖାଏ ବିଜୟୀ ହୋଇଛନ୍ତି। ଏହି ଜୋନ ଭାଜପାର ଗଡ ଭାବେ ପରିଚିତ। ଚଳିତ ଥର ଭାଜପା ଭୋଟ ରାଜନୀତିରେ ନୂଆ ମୁହଁ ଭାବେ ବାସୁଦେବଙ୍କୁ ପ୍ରାର୍ଥୀ କରିଛି। ବାସୁଦେବ ଦଳର ଯଲୋଏ ମଣ୍ଡଳ ସଭାପତି ଥିଲେ। ତାଙ୍କର ଭାବମୂର୍ତ୍ତି ସ୍ୱଚ୍ଛ ଓ ନିର୍ମଳ ରହିଛି। ଭାଜପାର ପ୍ରାକ୍ତନ ଜିଲା ସଭାପତି ବଳଦେବ ପ୍ରସାଦ ବେଦ୍‌ବାକ୍‌ଙ୍କ ଏଠାରେ ଯଥେଷ୍ଟ ପ୍ରଭାବ ରହିଛି। ଦଳ ଏଠାରେ ବିଜୟୀ ହେବା ଆଶା ରଖିଛି। ମାତ୍ର ଚଳିତ ନିର୍ବାଚନରେ ଭାଜପାର ପ୍ରଚାର ପ୍ରଭାବୀ ହୋଇପାରିନି। ବିଜେଡି ଅନୁଭବୀ ତଥା ବରିଷ୍ଠ ନେତା ଝସକେତନ ବଘାରଙ୍କୁ ପ୍ରାର୍ଥୀ କରିଛି। ସେ ବିଜେଡିର ଉଲୁଣ୍ଡା ବ୍ଲକ ସଭାପତି ଅଛନ୍ତି। ପୂର୍ବରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଥିଲେ। ତାଙ୍କ ପତ୍ନୀ ପଦ୍ମିନୀ ଏବେ ମହିଳା ବିଜେଡିର ଜିଲା ସଭାନେତ୍ରୀ ଅଛନ୍ତି। ପଦ୍ମିନୀ ପୂର୍ବରୁ ଜିଲା ପରିଷଦ ଉପାଧ୍ୟକ୍ଷା ମଧ ଥିଲେ। ବିଜେଡି ଏଠାରେ ସହଜ ବିଜୟ ହାସଲ ଲକ୍ଷ୍ୟ ରଖିଛି। ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ଜୋନରେ ପ୍ରଚାରର ମଙ୍ଗ ଧରିଛନ୍ତି। କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରହାସ ଦଳାଇ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ସେ ଦଳର ପାରମ୍ପରିକ ଭୋଟ ହାତେଇବା ସହ ଭୋଟ ହାର ବୃଦ୍ଧି ଲକ୍ଷ୍ୟ ରଖିଛନ୍ତି। ସିପିଆଇ(ଏମଏଲ) ପ୍ରାର୍ଥୀ ତଥା ଶ୍ରମିକ ନେତା କୁଶ ମହାକୁର ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ସେ ନିଜର ସଂଗଠନ ଜରିଆରେ ଶ୍ରମିକ ଓ ସେମାନଙ୍କ ପରିବାର ଭୋଟ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ବିଏସ୍‌ପି ପ୍ରାର୍ଥୀ ଅଭିମନ୍ୟୁ ଓ ସ୍ୱାଧୀନ ପ୍ରାର୍ଥୀ ନୀଳାଦ୍ରି ନିଜ ସମର୍ଥକଙ୍କୁ ଧରି ଗାଁ ଗାଁରେ ପ୍ରଚାର ଜାରି ରଖିଛନ୍ତି।

# ଶିଶୁ ବିକାଶରେ ମାତୃଭାଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ


ବିଲେଇସର୍ଡା ହାଇସ୍କୁଲରେ ଅନୁଷ୍ଠିତ ମାତୃଭାଷା ଦିବସରେ ଉପସ୍ଥିତ ଛାତ୍ରୀଛାତ୍ର, ଶିକ୍ଷକ।

**ବଲାଙ୍ଗୀର ଅଫିସ, ୨୧।୨**

**ବିଲେଇସର୍ଡା ହାଇସ୍କୁଲରେ ବିଶ୍ୱ ମାତୃଭାଷା ଦିବସ ପାଳିତ**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଜବାହାରଲାଲ ହାଇସ୍କୁଲଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଛି। ସହକାରୀ ଶିକ୍ଷୟିତ୍ରୀ ସୁବାସିନୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ରଞ୍ଜିତ ମିଶ୍ର, ପ୍ରମୋଦ ବିଶ୍ୱାଳ, ସୁଷମା ମେହେର, ନିରୋତ୍ତମା ବିଶ୍ୱାଳ, ଅଶ୍ୱିନୀ ମହାଲିଙ୍ଗ, ରଶ୍ମିତା ନନ୍ଦ, ରଶ୍ମିତା ବିଶ୍ୱାଳ ଯୋଗଦେଇଥିଲେ। ମାତୃଭାଷା ମାଧମରେ ଶିଶୁର ବୋଧଗମ୍ୟତାର ପରିପ୍ରକାଶ ଘଟିବା ସହ ମାତୃଭାଷା ଶିଶୁର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ସୁବାସିନୀ ସେଠୀ ସଭାପତୀୟ ଅଭିଭାଷଣରେ ଓଡିଆ ଭାଷାର ପ୍ରୟୋଗାତ୍ମକ ଉନ୍ନତି ଦିଗରେ ଯତ୍ନବାନ ହେବା ପାଇଁ ସମସ୍ତେ ସଂକଳ୍ପ ନେବା ଉଚିତ୍ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାର କନିଷ୍ଠ ବିଭାଗରେ ସିମ୍ରନ ବାଗ ପ୍ରଥମ, ପ୍ରତିଜ୍ଞା ତ୍ରିପାଠୀ ଦ୍ୱିତୀୟ, ଅଲିଶା ପାଣିଗ୍ରାହୀ ତୃତୀୟ, ପ୍ରଜ୍ଞାମୟୀ ଭୋଇ ସାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲେ। ବରିଷ୍ଠ ବିଭାଗରେ ଲୋକନାଥ ସୁନା ପ୍ରଥମ, ରୂପାଲୀ ମହାକୁର ଦ୍ୱିତୀୟ, ଶ୍ରାବଣୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବକ୍ତୃତା ପ୍ରତିଯୋଗିତା ବିଷୟ ମାତୃଭାଷାର ବିକାଶରେ ସମାଜର ବିକାଶରେ ତୃପ୍ତିମୟୀ ଶତପଥୀ, ପ୍ରତିଜ୍ଞା ତ୍ରିପାଠୀ, କଲ୍ୟାଣୀ ଧରୁଆ, ରିମା ଦଳାଇ, ଜାହ୍ନବୀ ସାହୁ, ମମତା ନାଗ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ନିରୋତ୍ତମା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଆଜି ୪ର୍ଥ ପର୍ଯ୍ୟାୟ ନିର୍ବାଚନ

**ନୂଆପଡ଼ା ଅଫିସ,୨୧।୨**

**ସିନାପାଲି ବ୍ଲକ**
- ୭୩୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ ୮୪,୭୦୫ ଭୋଟର

ନୂଆପଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ଶାନ୍ତିଶୃଙ୍ଖଳା ସହିତ ଶେଷ ହୋଇଥିବା ବେଳେ ଚତୁର୍ଥ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ଚତୁର୍ଥ ପର୍ଯ୍ୟାୟରେ ସିନାପାଲି ବ୍ଲକରେ ମତଦାନ ହେବ। ସମୁଦାୟ ୩୨୧ଟି ଭୋଟ ଗ୍ରହଣ କେନ୍ଦ୍ରରୁ ୬୩ କେନ୍ଦ୍ର ସମ୍ବେଦନଶୀଳ ରହିଥିବା ବେଳେ ୧୧ଟି ଅତି ସମ୍ବେଦନଶୀଳ ଭାବେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଛି। ସୁରୁଖୁରୁରେ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ୩୫୪ଟି ରିଜଭ୍ ଫୋର୍ସ, ୧୦୬୨ଜଣ ପୋଲିଂ ଅଧିକାରୀ ଏବଂ ୩୨୧ଜଣ ପୋଲିସ ନିୟୋଜିତ ହୋଇଛନ୍ତି। ସିନାପାଲି ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟକୁ ଅର୍ଦ୍ଧପିଙ୍କ ଓ ମେହେରପଡା ପ୍ରାଥମିକ ବିଦ୍ୟାଳୟକୁ ଗୋଲାପି ମହିଳା ବୁଥ କରାଯାଇଛି। ବ୍ଲକର ୩ଟି ଜିଲା ପରିଷଦ ଜୋନ ରହିଥିବା ବେଳେ ପ୍ରତି ଜୋନରୁ ୫ଜଣ ଲେଖାଏଁ ମୋଟ ୧୫ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୭ଟି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ୧୨୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେଥିମଧ୍ୟରୁ ରାନୀମୁଣ୍ଡା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତ। ୨୭ଟି ପଞ୍ଚାୟତ ସମିତି ସଭ୍ୟ ରହିଥିବା ବେଳେ ଘଟମାଲ ଓ ଗଣ୍ଡାବାହାଲି ପଞ୍ଚାୟତ ସମିତି ସଭ୍ୟ ପଦବୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୨୫ ପଞ୍ଚାୟତ ସମିତି ସଭ୍ୟ ପଦବୀ ପାଇଁ ୯୯ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ୩୨୧ଟି ୱାର୍ଡ ସଭ୍ୟ ପଦ ମଧ୍ୟରୁ ୧୭୩ଟି ୱାର୍ଡରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଅବଶିଷ୍ଟ ୧୪୮ଟି ୱାର୍ଡରେ ୪୯୬ଜଣ ୱାର୍ଡ ସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବ୍ଲକରେ ୱାର୍ଡ ସଭ୍ୟଠାରୁ ଆରମ୍ଭ କରି ଜିଲା ପରିଷଦ ପର୍ଯ୍ୟନ୍ତ ମୋଟ ୭୩୫ଜଣ ପ୍ରାର୍ଥିନୀ/ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ୮୪ ହଜାର ୭୦୫ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୪୩ ହଜାର ୫୨୪ଜଣ ପୁରୁଷ, ୪୧ ହଜାର ୧୭୯ଜଣ ମହିଳା ଓ ୨ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି।

## ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

**ବୌଦ୍ଧ,୨୧।୨(ସ୍ୱ.ପ୍ର)**

ପଞ୍ଚାୟତ ନିର୍ବାଚନରେ ବିଭିନ୍ନ ସ୍ଥାନରେ ସାମ୍ବାଦିକଙ୍କ ପ୍ରତି ବଢୁଥିବା ମରଣାନ୍ତକ ଆକ୍ରମଣକୁ ବୌଦ୍ଧ ଜିଲା ସାମ୍ବାଦିକ ସଂଘ ନିନ୍ଦା କରିଛି। ଏ ନେଇ ଏକ ଦାବିପତ୍ର ସୋମବାର ସନ୍ଧ୍ୟାରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାପତି ରତ୍ନାକର ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସାମ୍ବାଦିକଙ୍କ ପ୍ରତି ବଢୁଥିବା ଆକ୍ରମଣକୁ ନେଇ ଉଦବେଗ ପ୍ରକାଶ କରିଥିଲେ । ବିଞ୍ଝାରପୁରଠାରେ ହୋଇଥିବା ସାମ୍ବାଦିକଙ୍କ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏନେଇ ଏକ ଦାବିପତ୍ର ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନଙ୍କ ଉଦେଶ୍ୟରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ସମୟରେ ସମ୍ପାଦକ ଶଶାଙ୍କ ଶେଖର ମିଶ୍ର, ରବୀନ୍ଦ୍ର କୁମାର ରାଉତ, ଦେବାଶିଷ ପୁରୋହିତ, ଅଜିତ କୁମାର ବାରିକ, ଧବଳେଶ୍ୱର ମହାପାତ୍ର ପ୍ରମୋଦ ବାଘ, ରାକେଶ କୁମାର ଦାସ ଦୀପକ ଅଦର ପ୍ରମୁଖ ସାମିଲ ଥିଲେ ।

## ବେହେରାରେ ମତଦାନ ବେଳେ ଉତ୍ତେଜନା

**ବେହେରା,୨୧।୨(ଡି.ଏନ.ଏ.)**

- ପୋଲିଂ ଅଧିକାରୀଙ୍କୁ ଅଟକ ରଖିଲେ ଲୋକେ
- ୱାର୍ଡ ନଂ.୧୦ରେ ରାତି ୮ଟା ଯାଏ ଭୋଟ

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଦଣ୍ଡପାଟ ବେହେରାରେ ପଞ୍ଚାୟତ ନିର୍ବାଚନର ୩ୟ ପର୍ଯ୍ୟାୟ ମତଦାନ ବେଳେ ଉତ୍ତେଜନା ଦେଖାଦେଇଥିଲା। ନୁନପାଣି ଓ ବାଙ୍କିମୁଣ୍ଡାକୁ ଛାଡି ଅନ୍ୟ ବୁଥଗୁଡିକ ନିର୍ଦ୍ଧାରିତ ସମୟରେ ଭୋଟଦାନ ଶେଷ ହୋଇଥିଲା। ନୁନପାଣି ଓ ବାଙ୍କିମୁଣ୍ଡା ବୁଥରେ ନିୟମ ମୁତାବକ ୧୨ଟା ୪୫ ମିନିଟରେ କ୍ୟାମ୍ପସ ଭିତରେ ଥିବା ଲୋକଙ୍କୁ ଟୋକନ ଦିଆଯାଇଥିଲା। ଏହା ସତ୍ତ୍ୱେ ନୁନପାଣିରେ ଅଧିକାଂଶ ଭୋଟର ଭୋଟ ଦେଇ ପାରି ନ ଥିବା ଯୋଗୁ ସରପଞ୍ଚ ପ୍ରାର୍ଥିନୀ କୁମୁଦଦିନୀ ଗଇନ୍ତାଙ୍କ ପୁଅ ସମେତ ତାଙ୍କ ସମର୍ଥିତ ଲୋକେ ନୁନପାଣି ପୋଲିଂ ଅଧିକାରୀଙ୍କୁ ଅଟକ ରଖିଥିଲେ। ବାଙ୍କିମୁଣ୍ଡା ବୁଥରେ ଚାଲିଥିବା ଭୋଟିଂକୁ ବିରୋଧ କରି ବନ୍ଦ କରିବା ପାଇଁ ହୋହଲ୍ଲା କରିଥିଲେ। ଧର୍ମଗଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଉପଖଣ୍ଡ ପୋଲିସ ଅଫିସର ଧୀରଜ ଚୋପଦାର ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ୱାର୍ଡ ୧୦ନଂରେ ରାତି ୮ଟା ଯାଏ କଡାସୁରକ୍ଷା ମଧ୍ୟରେ ମତଦାନ ହୋଇଥିବା ଜଣାପଡ଼ିଛି।

# ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ଏନ୍‌ଏଚ୍ ଅବରୋଧ

**ଗାଡ଼ି ଧକ୍କାରେ ଜଣେ ମୃତ**

**କେସିଙ୍ଗା,୨୧।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା କାନ୍ତେଶିର ଗ୍ରାମ ୨୬ ନଂ. ଜାତୀୟ ରାଜପଥ ନିକଟ କନ୍ତେଶିର ବ୍ରିଜ ନିକଟରେ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ବର୍ତ୍ତି ଯାଇଛନ୍ତି। ମୃତକ ହେଲେ କନ୍ତେଶିର ଗ୍ରାମର ରାଜେନ୍ଦ୍ର ବିଶି (୫୦)। ରବିବାର ରାତିରେ କନ୍ତେଶିର ଗ୍ରାମର ରାଜେନ୍ଦ୍ର ତାଙ୍କ ସଢୁଙ୍କ ସହିତ ଗାଁ ନିକଟ ନାଳରୁ ଶୌଚ ସାରି ଫେରୁଥିବା ବେଳେ ଏକ ଗାଡ଼ି ପଛପଟୁ ତାଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ଧକ୍କାରେ ରାଜେନ୍ଦ୍ର ଓ ତାଙ୍କ ଶଢୁ ଆହତ ହୋଇଥିଲେ। ଗ୍ରାମବାସୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ଜାତୀୟ ରାଜପଥକୁ ରାତି ୮ଟାରୁ ସୋମବାର ମଧ୍ୟାହ୍ନ ୧୨ଟା ଯାଏ ଅବରୋଧ କରିଥିଲେ। ଦୀର୍ଘ ସମୟ ପରେ ମଧ ସ୍ଥାନୀୟ ପ୍ରଶାସନ କିମ୍ବା ପୋଲିସ ପହଞ୍ଚିବାରେ ବିଳମ୍ବ ହେବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଏକ ଘରୋଇ ବସ କାଚ ଭାଙ୍ଗି ଦେଇଥିଲେ। ଏହି ଘଟଣାରେ ୪ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। କେସିଙ୍ଗା ତହସିଲଦାର ଜ୍ୟୋର୍ତିମୟ କର, ଆଇଆଇସି ଏସ.କେ.ନନ୍ଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ଲୋକେ ହଟିଥିଲେ। ସୋମବାର ସକାଳେ ଶବ ବ୍ୟବଚ୍ଛେଦ କରିପରିବାରଙ୍କୁ ହସ୍ତାନ୍ତର କରାଯାଇଛି।

# ବୌଦ୍ଧରେ ବିଶ୍ୱ ମାତୃଭାଷା ଦିବସ ପାଳିତ

**ବୌଦ୍ଧ/ ବାଉଁଶୁଣୀ, ୨୧।୨(ସ୍ୱ.ପ୍ର./ଡି.ଏନ.ଏ.)**

ବୌଦ୍ଧ ଯୋଗିନ୍ଦଦେବ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅଧକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ସୋମବାର ପାଳିତ ହୋଇଛି। ବରିଷ୍ଠ ଶିକ୍ଷକ ଟଙ୍କଧର ସାହୁ ମାତୃଭାଷାରେ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ହେଲାଣି ବୋଲି କହିଥିଲେ। ଶିଶୁର ବିକାଶରେ ମାତୃଭାଷାର ବିକାଶ ନେଇ ଏକ ବକ୍ତୃତା ଓ କୁଇଜ ମାଧ୍ୟମରେ ପ୍ରତିଯୋଗିତା ହୋଇଥିଲା। ବକ୍ତୃତାରେ ପ୍ରଥମ ଗଣେଷ ସାହୁ, ଦ୍ୱିତୀୟ ଦେବୀ ପ୍ରସାଦ ସାହୁ, ତୃତୀୟ ପ୍ରିତମ କୁମାର ସାହୁ ହୋଇଥିଲେ। ସେହିପରି କୁଇଜରେ ଗଣେଷ ସାହୁ, ବିଶ୍ୱଭୁଷଣ ଗୁରୁ ଓ ଆୟୁଷ ବେହେରାଙ୍କୁ ପୁରସ୍କତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ବିଜୟ କୁମାର ପ୍ରଧାନ, ସଞ୍ଜିବ କୁମାର ପ୍ରଧାନ, ବିଜୟ କୁମାର କ୍ଷେତି, ଅର୍ଚ୍ଚନା ମହାନ୍ତି, କୁମୁଦିନୀ ଦେବୀ, ସନ୍ଧ୍ୟାରାଣୀ ମିଶ୍ର, ମମତା ସାହୁ, ଶୁଭସ୍ମିତା ମେଣ୍ଡଳି, ମୀନାରାଣୀ ପଣ୍ଡା, ରଞ୍ଜିତ କୁମାର ରାଉତଙ୍କ ସମେତ ନବମ ଓ ଦଶମ ଶ୍ରେଣୀ ଛାତ୍ରମାନେ ଉପସ୍ଥିତ ଥିଲେ।

ସେହିପରି କନ୍ଧମାଳ ବ୍ଲକ ଖଟଖଟିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ରଞ୍ଜୁ ଅମାତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସାହିତ୍ୟିକ ହରିହର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାତୃଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ର କବିତା ପାଠ କରିଥିଲେ। ଛାତ୍ର ଶକ୍ତିକୁମାର ପଣ୍ଡା ମାତୃଭାଷାର ସୁରକ୍ଷା ମାର ସୁରକ୍ଷା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ସ୍ୱରୂପା ପଲିଆ, ସ୍ନେହାରାଣୀ ପ୍ରଧାନ, ଅଙ୍କିତା କହ୍ମ କବିତାରେ ଭାଗ ନେଇଥିଲେ। ଶେଷରେ ଛାତ୍ରୀ ସ୍ନେହାରିଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଜୟ ମା' ଦୁର୍ଗା କ୍ରିକେଟ କପ୍: ହାତିସରା ସେମିରେ

**ନୂଆପଡ଼ା ଅଫିସ,୨୧।୨**

ନୂଆପଡା ଜିଲା କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲିମଡିହି ଗ୍ରାମ ଖେଳ ପଡିଆରେ ୨ୟ ଜୟ ମା' ଦୁର୍ଗା କପ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସୋମବାର ପ୍ରଥମ ମ୍ୟାଚ ଲଖନା ଓ ଝିଲମିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ ପରସଖୋଲ ଓ ହାତିସରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତୃତୀୟ ମ୍ୟାଚ ହାତିସରା ଓ ଝିଲମିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝିଲମିଲାକୁ ହରାଇ ହାତିସରା ସେମି ଫାଇନାଲକୁ ପ୍ରବେଶ କରିଛି। ସୁନୀଲ ସାହୁ, ତ୍ରିଲୋଚନ ମାଝି ଖେଳ ପରିଚାଳନା କରୁଥିବା ବେଳେ ରାଜେଶ୍ୱର ସାହୁ ସ୍କୋରର ଦାୟିତ୍ୱରେ ଥିଲେ। ଈଶ୍ୱର ସାହୁ, ପୁନିତ ସାହୁ, ରାଜୁ ସାହୁ ୩ଟି ଭାଷାରେ ଧାରାବିବରଣୀ ପ୍ରଦାନ କରିଥିଲେ।


ମଞ୍ଚାସୀନ ଅତିଥିବୃନ୍ଦ।



## ତାଲା ଭାଙ୍ଗି ସୁନା, ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

ଜୁନାଗଡ,(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହର ଫତେନଗର ପଡାର ଈଶ୍ୱରୀ ପ୍ରସାଦ ପଣ୍ଡାଙ୍କ ଘରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସୁନା, ଟଙ୍କା ଲୁଟି ନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୂଚନା ଯେ, ଈଶ୍ୱରୀଙ୍କ ପରିବାର ଲୋକେ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରବିବାର ଅରେବେଡା ଗ୍ରାମକୁ ଯାଇଥିଲେ। ସେଠାରୁ ସୋମବାର ପୂର୍ବାହ୍ନ ୧୦ଟାରେ ଜୁନାଗଡ ଫତେନଗରପଡାସ୍ଥିତ ଘରକୁ ଫେରିବା ପରେ ମୁଖ୍ୟ କବାଟ ତାଲା ଭାଙ୍ଗି ପଡିଥିବା ଦେଖିବାକୁ ପାଇଥିଲେ। ଏହା ପରେ ଘର ଭିତରେ ଥିବା ଆଲମାରୀ ମଧ୍ୟ ଭଙ୍ଗା ଯାଇଥିବା ଓ ସେଥିରେ ଥିବା ସୁନା,ଟଙ୍କାକୁ କେହି ଦୁର୍ବୃତ୍ତ ଲୁଟି ନେଇଥିବା ଜାଣିବାକୁ ପାଇଥିଲେ।

# ସଂକ୍ଷେପରେ

## ବିଶ୍ୱ ମାତୃଭାଷା ଦିବସ ପାଳିତ

ବୋଡେନ,୨୧।୨(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ସୁନାପୁର ଉନ୍ନୀତ ହାଇସ୍କୁଲରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାତୃଭାଷାର ଉନ୍ନତି ପାଇଁ ଏକ ସଚେତନତା ଶୋଭାଯାତ୍ରା ପରେ ସ୍କୁଲ ପରିସରରେ ଚିତ୍ରାଙ୍କନ, ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତା ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରିଡା ଶିକ୍ଷକ ପ୍ରଦୀପ୍ତ ଯୋଶୀଙ୍କ ତତ୍ୱାବଧାନରେ ସଙ୍ଗୀତା ବେହେରା, ଚନ୍ଦନ ମେହେର, ଲକ୍ଷ୍ମୀ ମେହେର, ରମେଶ ନିଆଲ, ଈଶ୍ୱର ମାଝି, ବରୁଣ ମାଝି, ମିନା ବାରିକ, ବିଭୁତି କୁଣ୍ଡ ଓ ପ୍ରଭାତୀ ସିଂ ଠାକୁର ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗ୍ରାମୀଣ ଯାତ୍ରା, ପର୍ବ ସମ୍ପର୍କିତ ଆଭାସୀ ଆଲୋଚନାଚକ୍ର

ବୋଡେନ,୨୧।୨(ଡି.ଏନ.ଏ.): ନୂଆପଡ଼ା ଜିଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଜିଲା ବିଚାରଧାରା ଶାଖା ପକ୍ଷରୁ ପଞ୍ଚଦଶତମ ବିକାଶ ବିମର୍ଶ ଆଭାସୀ ଆଲୋଚନାଚକ୍ର ଆୟୋଜିତ ହୋଇଯାଇଛି। ଜିଲା ସଭାପତି ରବି ରନ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଖଡିଆଳ ଆଦର୍ଶ ମହାବିଦ୍ୟାଳୟ ଅଧାପିକା ବର୍ଷାରାଣୀ ବେହେରା ସଂଯୋଜନା କରିଥିଲେ। ନୂଆପଡା ଜିଲାର ଗ୍ରାମୀଣ ଯାତ୍ରା ଓ ପର୍ବ ଶୀର୍ଷକ ଆଲୋଚନାଚକ୍ରରେ ବୋଡେନ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଓଡିଆ ବିଭାଗ ପ୍ରାଧାପକ ଡ. କିଶୋର କୁମାର କର୍ଣ୍ଣ ଆଲୋଚକ ଭାବେ ଯୋଗଦାନ କରିଥିଲେ।

## ଷ୍ଟ୍ରଙ୍ଗ୍ ରୁମ୍ ନିରାପତ୍ତା ପାଇଁ ଦାବିପତ୍ର ପ୍ରଦାନ

ଜାମଟିକ୍ରା,୨୧।୨(ଡି.ଏନ.ଏ): ଗତ ୧୮ ତାରିଖରେ ଅତାବିରା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ନିର୍ବାଚନ ପରେ ଭୋଟ୍ ବାକ୍ସଗୁଡିକ ଅତାବିରା କଲେଜର ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। କିନ୍ତୁ ଏହି କଲେଜର ଚାରିପାଖରେ ପାଚେରି ନାହିଁ। ମାତ୍ର ୫ ଜଣ ପୋଲିସ କର୍ମଚାରୀ ଷ୍ଟ୍ରଙ୍ଗ୍ ରୁମ୍‌ର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ଫଳରେ ଏହି ଷ୍ଟ୍ରଙ୍ଗ୍ ରୁମ୍‌ର ସୁରକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ କରିବା ଦାବିରେ ସୋମବାର ବ୍ଲକ ଭାଜପାର ଏକ ପ୍ରତିନିଧି ଦଳ ବିଡିଓ ବିଶ୍ୱନାଥ ସାହୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ଭାଜପା ନଗର ସଭାପତି ସୁରେନ୍ଦ୍ର ସ୍ୱାଇଁ, ସୂର୍ଯ୍ୟକାନ୍ତି ସାହୁ, ପ୍ରମୋଦ ରଥ, ଦଶରଥ ଭୋଇ, ପୁଷ୍ପକ ଗାଇଗରିଆ, ବିରେନ୍ଦ୍ର ହୋତା, ବିକାଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ୬୦ ଗରିବ ପରିବାରକୁ ଛେଳି ପ୍ରଦାନ

କର୍ଲାମୁଣ୍ଡା/ପଲମ,୨୧।୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା, ମ.ରାମପୁର, କର୍ଲାମୁଣ୍ଡାର ବିଭିନ୍ନ ପଞ୍ଚାୟତରେ ସୋମବାର ଭୂମିହୀନ, ବିଧବା ଓ ଅସହାୟ ପରିବାରକୁ ଛେଳି ବଣ୍ଟନ କରାଯାଇଥିଲା। ଏସବୁ ଅଞ୍ଚଳ ଲୋକଙ୍କ ଆର୍ଥିକ ବିକାଶ ପାଇଁ କାର୍ଯ୍ୟ କରୁଥିବା ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ମାନବିକତା ସହାୟତା କାର୍ଯ୍ୟକ୍ରମ ଜରିଆରେ ଗିଫ୍ଟ ଟୁ ଏସିଆ ସହଯୋଗରେ ଛେଳି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ନର୍ଲା ବ୍ଲକର ଖେତୁପଡା, ଅଏଲାପାଲି, ଆଲିମ, ଥାପେନ, ରେନ୍ଦବାହାଲି ଓ ମ.ରାମପୁର ବ୍ଲକ ପେଞ୍ଜିକୁପା, ଦୁଲେନ, ବୋରଭଟା, ପଢେଲକୁନା, ସାନସୁରଡ଼ା, ବୁଢ଼ୀଖମନ ଗାଁର ୬୦ଟି ଗରିବ ବ୍ୟକ୍ତିଙ୍କୁ ଆର୍ଥିକସ୍ଥିତି ମଜଭୁତ କରିବା ଉଦ୍ଦେଶ୍ୟରେ ଅନୁଷ୍ଠାନ ପକ୍ଷରୁ ମାଗଣାରେ ଛେଳି ଯୋଗେଇ ଦେଇଥିବା କାର୍ଯ୍ୟକ୍ରମ ସଂଯୋଜକ ଅମ୍ବରିଷ ମିଶ୍ର କହିଛନ୍ତି। ଏଥିରେ ଗୋଷ୍ଠୀ ସାଧନ କର୍ମୀ କମଳ ଲୋଚନ ଡି ମାଝି ଓ ତିଳେଶ୍ୱର ଗୌଡ଼ ସହଯୋଗ କରିଥିଲେ।

## ୩୧ ୟୁନିଟ୍ ରକ୍ତ ସଂଗ୍ରହ

ଜାମଟିକ୍ରା, ୨୧।୨(ଡି.ଏନ.ଏ): ଅତାବିରା ବ୍ଲକ କୁଲୁଣ୍ଡା ପଞ୍ଚାୟତର ବାବେବିରା କେନାଲ ନିକଟ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ବାବେବିରା କେନାଲ ୟୁଥ୍ ଓ କୋଶଲ ଆନ୍ଧ୍ରା ୱେଲଫେୟାର ଆସୋସିଏଶନର ମିଳିତ ପ୍ରୟାସରେ ଅନୁଷ୍ଠିତ ଏହି ଶିବିରକୁ ଗ୍ରାମର ବରିଷ୍ଠ ନାଗରିକ ପି. ସୁବାରାଓ ଫିତାକାଟି ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୩୧ ଜଣ ରକ୍ତଦାନ କରିଥିଲେ। ଭିମ୍‌ସାର ବୁର୍ଲା ଡାକ୍ତରଖାନାର ରକ୍ତ ଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

# ୩ ପ୍ରମୁଖ ଦଳ ମଧ୍ୟରେ ଲଢ଼େଇ

## କେସିଙ୍ଗା ବ୍ଲକ ୨ ନଂ. ଜୋନ୍



କେସିଙ୍ଗ,୨୧।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ୨ ନଂ. ଜୋନରେ ଆସନ୍ତା ୨୪ ତାରିଖରେ ୫ମ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଯାଉଛି। ୨୨ ତାରିଖ ସନ୍ଧ୍ୟାରେ ପ୍ରଚାର ଶେଷ ହେବାକୁ ଥିବା ବେଳେ ରଣାଙ୍ଗନରେ ଥିବା ପ୍ରାର୍ଥୀମାନେ ଭୋଟରଙ୍କ ମନ ଜିଣିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ୫ଜଣ ପ୍ରାର୍ଥୀ ଥିଲେ ହେଁ ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଲଢେଇ ହେଉଥିବା ରାଜନୈତିକ ମହଲରେ ଆଲୋଚନା ହେଉଛି।

୨ ନଂ. ଜିଲା ପରିଷଦ ଜୋନ ବାଲାସି, ସିରୋଲ, ଜାଣ୍ଡେଲ, ଲଇତରା, ବୋରିଆ, ପଥର୍ଲା, କୁଣ୍ଡାବନ୍ଧ, କିକିଆ ୮ଟି ପଞ୍ଚାୟତକୁ ନେଇ ଗଠିତ। ଏଠାରେ ମୋଟ ଭୋଟରଙ୍କ ସଂଖ୍ୟା ୨୮ହଜାର ୬୮୫। ବାଲସି ପଞ୍ଚାୟତରେ ୪୩୫୭ ଭୋଟର ରହିଛନ୍ତି। ସେହିପରି ଶିରୋଲ ପଞ୍ଚାୟତରେ ୩୦୦୫, କାଣ୍ଡେଲରେ ୪୫୪୫, ଲଇତରାରେ ୪୫୬୦, ବୋରିଆରେ ୩୩୨୨, ପଥର୍ଲାରେ ୩୫୬୭, କୁଣ୍ଡାବନ୍ଧରେ ୨୮୨୦ ଓ କିକିଆ ପଞ୍ଚାୟତରେ ୨୬୦୯ଜଣ ଭୋଟର ରହିଛନ୍ତି। ୨୦୧୭ ନିର୍ବାଚନରେ ଏହି ଜୋନରୁ ଭାଜପା ପ୍ରାର୍ଥିନୀ ଭୂମିକା ନାୟକ ବିଜୟୀ ହୋଇଥିଲେ। ଚଳିତ ଥର ଏହି ଜୋନ ଅଣସଂରକ୍ଷିତ ରହିଛି। ବିଜେଡିରୁ ନରୋତ୍ତମ ଭାଟି, ଭାଜପାରୁ ବଂଶୀଧର ସାହା, କଂଗ୍ରେସରୁ ଜ୍ୟୋତ୍ସ୍ନାମୟୀ ବରଗୀ, ବିଏସ୍‌ପିରୁ ଲୋକନାଥ ନାଗ, ଆମ୍ ଆଦମୀ ପାର୍ଟିରୁ ଯଶୋବନ୍ତି କର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାୟକ ଓ ଅନାମ ନାୟକ ଦଳୀୟ କର୍ମୀଙ୍କୁ ନେଇ ବିଜେଡି ସରକାରର ବିକାଶ କଥା କହି ଭୋଟଭିକ୍ଷା କରୁଛନ୍ତି। ଭାଜପା ପ୍ରାର୍ଥୀଙ୍କ ପାଇଁ ଏମ୍‌ପି ବସନ୍ତ ପଣ୍ଡା ଓ ରାଜ୍ୟ ସମ୍ପାଦକ ଅଶୋକ ମିଶ୍ର ପ୍ରଚାର କରିଛନ୍ତି। କେନ୍ଦ୍ରର ସରକାରଙ୍କ ଜନହିତକର କାମ ଚାଲୁ ରଖିବାକୁ ହେଲେ କଳାହାଣ୍ଡି ଜିଲା ପରିଷଦରେ ପୁନଃ ବିଜୟ ଲୋଡା ବୋଲି କହି ଭୋଟ ମାଗିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ଦଳର ଜିଲା ସଭାପତି ଭରତ ବେମାଲ, ପରମାନନ୍ଦ ମାଝି ଜୋରଦାର ପ୍ରଚାର କରିଛନ୍ତି। ରଣାଙ୍ଗନରେ ବିଏସ୍‌ପି ଓ ଆମ୍ ଆଦମୀ ପାର୍ଟି ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ ହେଁ ସେମାନଙ୍କ ବିଶେଷ ପ୍ରଭାବ ଅନୁଭୂତ ହେଉନାହିଁ। ଏହି ଜୋନରେ ଦୀର୍ଘ ଦିନରୁ ମେଗା ଉଠାଜଳସେଚନ ପ୍ରକଳ୍ପ, ରାସ୍ତାଘାଟ, ପାନୀୟ ଜଳ, ଭତ୍ତା, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବହୁ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ତେଣୁ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ନିର୍ବାଚନରେ ଭୋଟର କାହାକୁ ଭରସା କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ମତାଧିକାର ସାବ୍ୟସ୍ତ କରିବେ ୭୫୭୪୪ ଭୋଟର



ଅଧିକାରୀମାନେ ମତଦାନ ଅବ୍ୟବହିତ ପୂର୍ବରୁ ସୋମବାର ପ୍ରସ୍ତୁତ ହେଉଛନ୍ତି।

## ଦେଓଗାଁ ବ୍ଲକ

ଦେଓଗାଁ, ୨୧।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ଓ ୧୩ ନଂ ଜୋନରେ ଥିବା ୨୬ ପଞ୍ଚାୟତରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ୧୨ ନଂ ଜୋନରେ ୧୫୧ ବୁଥ୍‌ରେ ୩୫୩୦୧ ଭୋଟର ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୧୮୧୩୮ ପୁରୁଷ ଓ ୧୭୧୬୩ ମହିଳା ଭୋଟର ରହିଛନ୍ତି। ସେହିପରି ୧୩ନଂ ଜୋନରେ ୧୬୨ ବୁଥ୍‌ରେ ୨୦୯୦୪ ପୁରୁଷ ଭୋଟର ଓ ୧୯୫୩୯ମହିଳା ଭୋଟର ଏହିପରି ମୋଟ ୪୦,୪୪୩ ଭୋଟର ମତଦାନ କରିବେ। ଉଭୟ ଜୋନରେ ମୋଟ ୭୫୭୪୪ ଭୋଟର ରହିଛନ୍ତି। ୧୨ନଂ ଜିଲା ପରିଷଦ ଜୋନରେ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ଲଢେଇ ହେଉଛି। ୧୩ ନଂ ଜୋନରେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଧାସଳଖ ଲଢେଇ ହେଉଛି। ଅନ୍ୟପକ୍ଷେ ୨୬ ପଞ୍ଚାୟତରେ ୧୦୦ ସରପଞ୍ଚ ପ୍ରାର୍ଥୀ, ୮୫ ସମିତି ସଭ୍ୟ ଓ ୪୧୩ ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ପ୍ରତି ପଞ୍ଚାୟତରେ ଜଣେ ଲେଖାଏ ସେକ୍ସନ ଅଧିକାରୀ, ପ୍ରତି ବୁଥରେ ୪ଜଣ ଲେଖାଏ ପ୍ରିଜାଇଡିଂ ଅଧିକାରୀ ଓ ଜଣେ ଲେଖାଏ ପୋଲିସ ପର୍ସନାଲ ନିଯୁକ୍ତି ହୋଇଥିବା ଅଫିସ ସୂତ୍ରରୁ ପ୍ରକାଶ।

# ଭାଗ୍ୟ ପରୀକ୍ଷା କରିବେ ୫୭୨ ପ୍ରାର୍ଥୀ

ବରଗଡ଼ ଅଫିସ୍,୨୧।୨

ବରଗଡ଼ ଜିଲାରେ ମଙ୍ଗଳବାର ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ଚତୁର୍ଥ ପର୍ଯ୍ୟାୟ ମତଦାନ ହେବ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପ୍ରତ୍ୟେକ ଭୋଟ୍ ଗ୍ରହଣ କେନ୍ଦ୍ରକୁ ପୋଲିଂ କର୍ମଚାରୀମାନେ ପହଞ୍ଚି ସାରିଛନ୍ତି । ଭୋଟ୍ ଗ୍ରହଣ କେନ୍ଦ୍ର ଗୁଡ଼ିକ ମଧ୍ୟ ସୁରକ୍ଷା ବଳୟରେ ରହିଛି। ଜିଲାର କେବଳ ସୋହେଲା ବ୍ଲକରେ ଏହି ପର୍ଯ୍ୟାୟ ମତଦାନ କାର୍ଯ୍ୟକ୍ରମ ରହିଛି।

## ଆଜି ସୋହେଲା ବ୍ଲକରେ ଭୋଟ

ସୋହେଲା ବ୍ଲକରେ ୩ ଜିଲା ପରିଷଦ ଜୋନ୍ ରହିଛି। ଏହି ଜୋନ ଗୁଡ଼ିକ ଅଧୀନରେ ୨୭ ପଞ୍ଚାୟତ ରହିଥିବା ବେଳେ ସମୁଦାୟ ୩୮୬ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ସେଥିମଧ୍ୟରୁ ୫୮ସମ୍ବେଦନଶୀଳ, ୨ପିଙ୍କ୍ ଏବଂ ଗୋଟିଏ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ର ରହିଛି। ଏଠାରେ ୧୦ ଜିଲା ପରିଷଦ, ୪୨୭ ୱାର୍ଡସଭ୍ୟ, ୯୭ ସରପଞ୍ଚ ଏବଂ ୩୮ସମିତିସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ବ୍ଲକର ୧ଲକ୍ଷ ୫ହଜାର ୭୨୮ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ତେବେ ଏହି ବ୍ଲକ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂଙ୍କ ଭଟଲି ନିର୍ବାଚନ ମଣ୍ଡଳୀ ଅଧୀନରେ ରହିଥିବାରୁ ଚଳିତ ପଞ୍ଚାୟତ ଭୋଟ ଅଧିକ ଗୁରୁତ୍ୱ ବହନ କରୁଛି। ଏଠାରେ ୧୮ସମିତିସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ସେମାନେ ବିଜେଡ଼ି ସମର୍ଥିତ ବୋଲି ଦାବି ହେଉଥିବାରୁ ପଞ୍ଚାୟତ ସମିତି ଗଠନ ବିଜେଡ଼ି ହାତରେ ରହିବା ସମ୍ଭାବନା ରହିଛି ।

ଅନ୍ୟପଟେ ବ୍ଲକର ୩ ଜିଲା ପରିଷଦ ଜୋନ ବର୍ତ୍ତମାନ ପରିପ୍ରେକ୍ଷୀରେ ସୁଶାନ୍ତଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ସୁଶାନ୍ତ ଖୋଦ୍ ଏହି ବ୍ଲକର ହୋଇଥିବା ବେଳେ ବିରୋଧୀ କଂଗ୍ରେସ, ଭାଜପା ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ତାଙ୍କ ନିର୍ବାଚନ ମଣ୍ଡଳୀର ଅମ୍ବାଭୋନା ଜୋନ୍-୨ ବିଜେଡ଼ି ହାତକୁ ଆସିଛି। ସୋହେଲା ବ୍ଲକର ୩ ଜିଲା ପରିଷଦ ଜୋନ୍ ହାତେଇବା ପାଇଁ ୩ ପ୍ରମୁଖ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏହି ବ୍ଲକର ଜୋନ-୨ରେ ବିଏସ୍‌ପି ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ହେଉଛି ।



ମତଦାନ ପୂର୍ବରୁ ସୋହେଲା ବ୍ଲକରେ ପୋଲିସର ଫ୍ଲାଗ୍ ମାର୍ଚ୍ଚ ।

## ବାଇକ୍ ଚୋରି ମାମଲା: ୩ ଗିରଫ

ବାଉଁଶୁଣୀ, ୨୧।୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲାର ସୁବଳୟା, ବୀରମହାରାଜପୁର ଓ ଉଲୁଣ୍ଡା ଥାନା ପକ୍ଷରୁ ମିଳିତ ଚଢାଉ କରି ଏକ ବାଇକ ଚୋର ର୍‍ୟାକେଟକୁ ଧରାଯାଇଛି। ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଞ୍ଚଳରୁ ୩ ଜଣଙ୍କୁ ଗିରଫ ସହ ୮ଟି ବାଇକ ଜବତ ହୋଇଛି। ସୁବଳୟା ଥାନା ଡୁଙ୍ଗୁରି ଗାଁର ନିତେଇ ପାଣ୍ଡେଙ୍କ ବାଇକ ଗତ ୮ ତାରିଖ ବଡଖମାର ସାପ୍ତାହିକ ବଜାରୁ ଚୋରି ହୋଇଥିଲା। ନିତେଇଙ୍କ ଅଭିଯୋଗକୁ ଆଧାର କରି ସୁବଳୟା ପୋଲିସ ଏକ ମାମଲା ରୁଜୁ କରି ବୀରମହାରାଜପୁର ଓ ଉଲୁଣ୍ଡା ପୋଲିସ ସହାୟତାରେ ମିଳିତ ଚଢ଼ାଉ କରି ବୌଦ୍ଧ ଜିଲା ମନମୁଣ୍ଡା ଥାନା ଖଇରମାଳ ଗାଁର ରଞ୍ଜନ ରାଜହଂସକୁ ଗିରଫ କରିଥିଲା। ପରେ ରଞ୍ଜନଙ୍କ ସୂଚନାକୁ ଆଧାର କରି ମନମୁଣ୍ଡା ଥାନା ରକ୍ସା ଗାଁର ଅନୀଲ ବେହେରା ଓ କାଦୋପଦର ଗାଁର ଜଣେ ନାବାଳକଙ୍କୁ ଧରିଛି। ତେବେ ନାବାଳକଙ୍କୁ ପିଆର ବଣ୍ଡରେ ଛାଡି ଦିଆଯାଇଛି। ବୀରମହାରାଜପୁର ଏସଡିପିଓ ଡୋଳାମଣି ଭୋଇଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ସୁବଳୟା ଥାନାଧିକାରୀ ଅନିତା କିଡୋ, ବୀରମହାରାଜପୁର ଥାନାଧିକାରୀ ଅଞ୍ଜଳି କୁମ୍ଭାର, ଉଲୁଣ୍ଡା ଥାନାଧିକାରୀ ଚନ୍ଦ୍ରମୋହନ ସିଂ ସାମିଲ ଥିଲେ।

# ୨୪୯ କେନ୍ଦ୍ରରେ ୭୦୭୬୭ ଭୋଟର

## ବୀରମହାରାଜପୁର ବ୍ଲକରେ ଭୋଟ ଗ୍ରହଣ ଆଜି

ସୋନପୁର,୨୧।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ୨୨ତାରିଖ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ୧୫ପଞ୍ଚାୟତ ବିଶିଷ୍ଟ ଏହି ବ୍ଲକର ୨ଟି ଜୋନରେ ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ପାଇଁ ଜିଲା, ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି। ସୋମବାର ସନ୍ଧ୍ୟା ସୁଦ୍ଧା ପୋଲିଂ ପାର୍ଟି ସମସ୍ତ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ବ୍ଲକର ୭୦୭୬୭ ଭୋଟର ୨୪୯ଟି ଭୋଟ ଗ୍ରହଣ କେନ୍ଦ୍ରରେ ୭ଟି ଜିଲା ପରିଷଦ ସଭ୍ୟଙ୍କ ସହ ୫୫ ସରପଞ୍ଚ, ୫୬ସମିତି ସଭ୍ୟ ଓ ୯୪ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ବୀରମହାରାଜପୁର ବ୍ଲକ ଅଧିନ ୧ ନମ୍ବର ଜୋନରେ ଉଫୁଲା, ଚମ୍ପାମାଳ, ମୁର୍ଷୁଣ୍ଡି, ହିଲୁଙ୍ଗ, ବାଗବର ଓ ଜଟେସିଂଘା ଆଦି ୬ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୧୫। ଭୋଟର ସଂଖ୍ୟା ୩୪୯୫୩। ୨ନମ୍ବର ଜିଲା ପରିଷଦ ଜୋନରେ ପିତାମହୁଲ, କମିରା ସଂଗ୍ରାମପୁର, ଖଣ୍ଡହତା, ଲୁଡୁରପଙ୍କ, କେନଝରିଆପାଲି, ବହଳପଦର ଓ ଦୁର୍ଜନତୈଲା ଆଦି ୯ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୩୪। ଭୋଟର ସଂଖ୍ୟା ୩୫୮୧୪। ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦଳ ଓ ଭୋଟ ଗ୍ରହଣ ତଦାରଖ ସହ ଜରୁରୀକାଳୀନ ସହାୟତା ପାଇଁ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ସହିତ ମୋବାଇଲ ପୋଲିସ ଟିମ୍ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଟିମ୍‌ରେ ଜଣେ ସବ୍ ଇନ୍ସପେକ୍ଟରଙ୍କ ସହ ୩ ଜଣ ଓଏସଏଫ କିମ୍ବା ଏପିଆର ରଖାଯିବାର ବ୍ୟବସ୍ଥା ରହିଛି। କୌଣସି କେନ୍ଦ୍ରରେ ବିଶୃଙ୍ଖଳା ହେଲେ ଏହି ଦଳ ତୁରନ୍ତ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୪ର୍ଥ ପର୍ଯ୍ୟାୟ ଭୋଟ ପାଇଁ ବୁଥ୍‌କୁ ଗଲେ ପୋଲିଂ ଅଧିକାରୀ

ଲାଞ୍ଜିଗଡ,୨୧।୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବ। ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ୩୦୬ଟି ମତଦାନ କେନ୍ଦ୍ର କରାଯାଇଛି। ୩୦୬ ବୁଥରୁ ୧୫୩ ବୁଥ ସମ୍ବେଦନଶୀଳ ଏବଂ ୨୫ ବୁଥ ଅତିସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ସୋମବାର ବ୍ଲକର ୨୬ ପଞ୍ଚାୟତର ୩୦୬ ମତଦାନ କେନ୍ଦ୍ର ପାଇଁ ନିୟୋଜିତ କର୍ମଚାରୀଙ୍କୁ ଆବଶ୍ୟକ ସମସ୍ତ ସାମଗ୍ରୀ ଦିଆଯାଇ ବୁଥଗୁଡ଼ିକୁ ପଠାଯାଇଥିବା ଲାଞ୍ଜିଗଡ ବିଡିଓ ତଥା ନିର୍ବାଚନ ଅଧିକାରୀ ଜିତେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଛନ୍ତି। ବ୍ଲକର ୨୬ଟି ପଞ୍ଚାୟତରେ ୫୯ ହଜାର ୬୮୮ଜଣ ଭୋଟର ରହିଛନ୍ତି। ୨୬ଟି ପଞ୍ଚାୟତର ଜୋନ ନଂ.୧ରେ ୩ଜଣ ଜିଲା ପରିଷଦ ପ୍ରାର୍ଥୀ ରହିଥିବା ବେଳ ଜୋନ ନଂ.୨ରେ ମୋଟ ୬ ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ସମିତି ସଭ୍ୟ ପ୍ରାର୍ଥୀ ପାଇଁ ୭୧ଜଣ, ସରପଞ୍ଚ ପାଇଁ ୭୩ଜଣ ଓ ୱାର୍ଡମେମ୍ବର ପାଇଁ ୩୫ଜଣ ନିର୍ବାଚନରେ ମଇଦାନରେ ରହିଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ଜଣେ ବେଡାଗାଁ ସରପଞ୍ଚ ପ୍ରାର୍ଥୀ, ୪ଜଣ ସମିତି ସଭ୍ୟମାନେ ହେଲେ ଜଗନ୍ନାଥପୁର, ବେଡାଗାଁ, ପୋଖରିବନ୍ଧ ଏବଂ ଚମ୍ପାଦେଇପୁର ଗ୍ରାମର ପ୍ରାର୍ଥୀ। ମୋଟ ୧୮୮ଜଣ ପ୍ରାର୍ଥୀ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

## ମତଦାନର ୨୪ ଘଣ୍ଟା ପୂରିନି

# ଅଜ୍ଞାତବାସରେ ସମିତି ସଭ୍ୟ ପ୍ରାର୍ଥିନୀପ୍ରାର୍ଥୀ

କଣ୍ଟାବାଞ୍ଜି, ୨୧।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକର ୧୯ ପଞ୍ଚାୟତରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରବିବାର ସମ୍ପନ୍ନ ହୋଇଛି । ମତଦାନ ୨୪ଘଣ୍ଟା ନପୁରୁଣୁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସମର୍ଥିତ ବିଜୟ ସମ୍ଭାବନା ଥିବା ଅଧିକାଂଶ ସମିତି ସଭ୍ୟ ପ୍ରାର୍ଥିନୀପ୍ରାର୍ଥୀଙ୍କ ଦେଖା ମିଳୁନି। ସେମାନେ ଅଜ୍ଞାତବାସରେ ଚାଲି ଯାଇଥିବା ଆଲୋଚନା ହେଉଛି । ଆସନ୍ତା ୨୬ ଓ ୨୭ ତାରିଖ ଦୁଇଦିନ ଧରି ତୁରେକେଲା ପଞ୍ଚାୟତ ସମିତି ଜୁନିୟର କଲେଜରେ ଭୋଟ ଗଣତି ହେବ। ଫଳାଫଳ ଘୋଷଣା ପରେ ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ଛକାପଞ୍ଝା ଆରମ୍ଭ ହେବ। ତେବେ ଏଥିପୂର୍ବରୁ ସମିତି ସଭ୍ୟ ପ୍ରାର୍ଥୀମାନେ ଅଜ୍ଞାତବାସରେ ଚାଲିଯିବା ଆଲୋଡନ ସୃଷ୍ଟି କରିଛି।

# ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳର ରଣନୀତି ପ୍ରସ୍ତୁତ

ନୂଆପଡ଼ା ଅଫିସ,୨୧।୨

ନୂଆପଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାରକୁ ଆଉ ମାତ୍ର ଗୋଟିଏ ଦିନ ରହିଛି। ଜିଲାର ବୋଡେନ ବ୍ଲକରେ ଶେଷ ପର୍ଯ୍ୟାୟ ନିର୍ବାଚନ ହେବ। ୱାର୍ଡସଭ୍ୟ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥିନୀ/ପ୍ରାର୍ଥୀ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ରହିଥିବା ବେଳେ ନିଜ ଦଳର ପ୍ରାର୍ଥୀଙ୍କୁ କ୍ଷମତାକୁ ଆଣିବା ପାଇଁ ଦଳୀୟ ନେତା, କର୍ମୀମାନଙ୍କ ମଧ୍ୟରେ ଅଙ୍କକଷା ଚାଲିଛି। ଶେଷ ପର୍ଯ୍ୟାୟ ନିର୍ବାଚନ ୨ଟି ଜୋନ ପାଇଁ ହେବାକୁ ଥିବା ବେଳେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଲଢେଇ ଚାଲିଛି। ଭାଜପା ୨୦୧୭ ନିର୍ବାଚନରେ ଖାତା ଖୋଲି ନ ଥିବା ବେଳେ ଚଳିତ ନିର୍ବାଚନରେ ପଦ୍ମ ଫୁଟାଇବା ପାଇଁ ଦଳିୟ ନେତା, କର୍ମୀମାନେ ନିର୍ବାଚନ ମଇଦାନରେ ପ୍ରସ୍ତୁତି ଚଳାଇଛନ୍ତି। ବିଜେଡି ସବୁ ଆସନ ହାତେଇବା ପାଇଁ ରଣନୀତି ପ୍ରସ୍ତୁତି କରିଛନ୍ତି। କଂଗ୍ରେସ ଚଳିତ ନିର୍ବାଚନରେ ଆମର ଜିତାପଟ ବୋଲି ବିହୁ ରଚନା କରିଛି। କାହାର ଜିତାପଟ ହେଉଛି ଆଗକୁ ଦେଖିବାକୁ ବାକି ରହିଲା।



ନିର୍ବାଚନୀ ପ୍ରଚାରରେ ପ୍ରାର୍ଥୀ ଓ କର୍ମୀ।

# ବାଇକ୍ ଶୋଭାଯାତ୍ରାରେ ଭୋଟର ସଚେତନତା

ବୋଡେନ,୨୧।୨(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ପଞ୍ଚାୟତ ଆମଗୁଡା ଗ୍ରାମର ରାଜମାଉଲି ସାହାରା ଯୁବକ ସଂଘ ପକ୍ଷରୁ ଫରସରା ପଞ୍ଚାୟତ ଅଞ୍ଚଳରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଯୁବକ ସଂଘ ସଦସ୍ୟମାନେ ଏକ ବାଇକ୍ ଶୋଭାଯାତ୍ରାରେ ପଞ୍ଚାୟତର ପ୍ରତ୍ୟେକ ଗ୍ରାମକୁ ଯାଇ ପ୍ରାର୍ଥୀଙ୍କ କୌଣସି ପ୍ରକାର ପ୍ରଲୋଭନର ବଶବର୍ତ୍ତି ନ ହୋଇ ଉପଯୁକ୍ତ ଓ ଦକ୍ଷ ପ୍ରାର୍ଥୀ ଚୟନ କରି ପଞ୍ଚାୟତକୁ ସୁଦୃଢ କରିବା ସହ ଲୋକଙ୍କ ଉନ୍ନତିରେ ସହଯୋଗୀ ହେବାକୁ ସଚେତନତା ସୃଷ୍ଟି କରିଥିଲେ। ଯୁବକ ସଂଘ ପକ୍ଷରୁ କାହ୍ନୁ ଚରଣ ବାଗ, ଗଜପତି ବାଗ, ବଳରାମ ବାଗ, ଶୈଳେନ୍ଦ୍ର କୁମାର ଦୀପ, କପିଳେନ୍ଦ୍ର କାଣ୍ଡ, ବେଣୁଧର ନିଆଲ, ଅଜୟ ନିଆଲ, ଆନନ୍ଦ ହେର୍ଣ୍ଣା, ବିଦ୍ୟାଧର କାଣ୍ଡ, ଲିଙ୍ଗରାଜ ବାଗ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




ଯୁବକ ସଂଘ ପକ୍ଷରୁ ସଚେତନତା ପାଇଁ ବାଇକ୍ ଶୋଭାଯାତ୍ରା କରାଯାଉଛି।

# ୬ ଜିଲା ପରିଷଦ ଜୋନ୍‌ରେ ମତଦାନ

ବଲାଙ୍ଗୀର ଅଫିସ, ୨୧।୨

- ବଲାଙ୍ଗୀର ଜିଲାରେ ଆଜି ଚତୁର୍ଥ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ
- ୧ ଲକ୍ଷ ୯୪ ହଜାର ୯୩୯ ଭୋଟର କରିବେ ମତଦାନ



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ ଗ୍ରହଣ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିସକାଶେ ସମସ୍ତ ପ୍ରସ୍ତୁତି ସରିଛି। ଜିଲାର ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର ବଲାଙ୍ଗୀର ସଦର ଏବଂ ଦେଓଗାଁ ବ୍ଲକ୍ ତଥା ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୁଡଭେଲା ବ୍ଲକ୍ ସମୁଦାୟ ୬ଟି ଜିଲା ପରିଷଦ ଜୋନ୍, ୬୪ଟି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୭୬୦ଟି ୱାର୍ଡସଭ୍ୟ ପାଇଁ ଭୋଟ୍ ଗ୍ରହଣ କରାଯିବ। ଉପରୋକ୍ତ ୩ଟି ବ୍ଲକ୍ ତଥା ୬ଟି ଜିଲା ପରିଷଦ ଜୋନ୍‌ର ସମୁଦାୟ ୧ ଲକ୍ଷ ୯୪ ହଜାର ୯୩୯ ଭୋଟର ସମୁଦାୟ ୭୬୦ଟି ବୁଥ୍‌ରେ ମତଦାନ କରିବେ। ଭୋଟର ମାନେ ୬ଟି ଜିଲା ପରିଷଦ ଜୋନ୍‌ର ୧୮ଟି ଜିଲା ପରିଷଦ ପ୍ରାର୍ଥୀ, ୬୪ ପଞ୍ଚାୟତର ୨୫୧ ସରପଞ୍ଚ ଓ ୨୦୧ ସମିତି ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା କରିବେ। ସକାଳ ୭ଟାରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ତିନି ବ୍ଲକ୍‌ର ୬୯ ସମ୍ବେଦନଶୀଳ ଓ ୨୬ ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ବଲାଙ୍ଗୀର ବ୍ଲକ୍‌ର ୩୩ଟି ସମ୍ବେଦନଶୀଳ ଓ ୧୦ଟି ଅତି ସମ୍ବେଦନଶୀଳ, ଦେଓଗାଁ ବ୍ଲକ୍‌ରେ ୨୭ ସମ୍ବେଦନଶୀଳ ଓ ୪ ଅତିସମ୍ବେଦନଶୀଳ, ଗୁଡଭେଲା ବ୍ଲକ୍‌ରେ ୯ ସମ୍ବେଦନଶୀଳ ଓ ୧୨ ଅତିସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ତିନି ବ୍ଲକ୍‌ରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ରବିବାର କେତେକି ଅସାମାଜିକ ତତ୍ତ୍ୱଙ୍କୁ ବଲାଙ୍ଗୀର ସଦର, ଦେଓଗାଁ ଓ ତୁଷରା ଥାନାକୁ ଡାକି ତାଗିଦ୍ କରାଯାଇଥିଲା। ଭୋଟ ଗ୍ରହଣ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଏବଂ ଅନ୍ୟ କର୍ମଚାରୀ କିଭଳି ସୁରକ୍ଷିତ ରହିବେ ସେନେଇ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ଲର୍କପାଲି ସରକାରୀ ଆଇଟିଆଇ, ଦେଓଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ଏବଂ ଗୁଡଭେଲା ବିଏନ୍‌ଆରଜିଏସ୍‌କେ କୋଠାରୁ ସମସ୍ତ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ଭୋଟିଂ ଟିମ୍ ସମସ୍ତ ଆନୁସଙ୍ଗିକ ସାମଗ୍ରୀ ଧରି ବୁଥ୍‌କୁ ଯାଇଛନ୍ତି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ କଡା ଟକ୍କର ହେଉଥିବାରୁ ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ଉତ୍ସାହ ଓ ଉତ୍ତେଜନା ପରିସ୍ଥିତିକୁ ଲକ୍ଷ୍ୟ କରି ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି।